# 'ଧାନର ଅନ୍ତୁଡ଼ିଶାଳ ଓଡ଼ିଶାର ମାଟି'

## ସ୍ୱଦେଶୀ ପ୍ରଜାତିର ଖାଦ୍ୟଶସ୍ୟ ଓ ପନିପରିବା ସହ ପରିବେଶ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ,୫।୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ ସ୍ଥିତ ନୂତନ ପରିସରରେ ସ୍ନାତକୋତ୍ତର ପରିଷଦ ତରଫରୁ ସ୍ୱଦେଶୀ ପ୍ରଜାତିର ଖାଦ୍ୟଶସ୍ୟ, ପନିପରିବାର ଉପାଦେୟତା ଏବଂ ଏହାର ସଂରକ୍ଷଣ ଜନିତ ସଚେତନତା ଉପରେ ଶନିବାର 'ଏକ୍ସଟ୍ରା ମୁରାଲ ବକ୍ତୃତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପରିବେଶବିତ୍, ସାମାଜିକ କର୍ମୀ, 'ନବଦାନିଆ'ର ସଂସ୍ଥାପକ ଡ. ବନ୍ଦନା ଶିବା ଏଥିରେ ଯୋଗଦେଇ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏକଦା ବିଂଶ ଶତାବ୍ଦୀ ପ୍ରାରମ୍ଭରେ ପ୍ରଖ୍ୟାତ ରୁଷ୍ ବୈଜ୍ଞାନିକ ନିକୋଲାଇ ଭାଭିଲୋଭ ପୃଥିବୀରେ ଚାଷ କରାଯାଉଥିବା ବିଭିନ୍ନ ଗଛର ଉତ୍ପତ୍ତି ସମ୍ବନ୍ଧରେ ଗବେଷଣା କରିଥିଲେ। ସେ ଦର୍ଶାଇଥିଲେ, 'ଓଡ଼ିଶା ମାଟି ହେଉଛି ଧାନର ଅନ୍ତୁଡ଼ିଶାଳ।' ଏଠାରେ ବିଭିନ୍ନ ପ୍ରଜାତିର ଧାନ ଚାଷ କରାଯାଉଥିଲା। ଆଜିର ଦିନରେ ଚାଷୀ ଅଧିକ ଅମଳକ୍ଷମ କିସମର ଧାନ ଚାଷ କରୁଥିବାରୁ ବହୁ ଉନ୍ନତଗୁଣ ସମ୍ପନ୍ନ ପ୍ରଜାତିର ବିଲୁପ୍ତି ଘଟିଲାଣି। ଅଧିକ ଅମଳକ୍ଷମ ପ୍ରଜାତି ଧାନ ଚାଷ ପାଇଁ ଜମିରେ ଅଧିକମାତ୍ରାରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରାଯାଉଥିବାରୁ ଏହା ମାଟିର ପ୍ରାକୃତିକ ଉର୍ବରତାକୁ ନଷ୍ଟ କରୁଛି। ଏଥି ସହିତ ଉତ୍ପାଦିତ ଖାଦ୍ୟଶସ୍ୟ ଖାଇ ଆମେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛୁ। ଏଥିରୁ ପ୍ରମାଣିତ ହୋଇସାରିଛି ଯେ, ସ୍ୱଦେଶୀ ପ୍ରଜାତିର ଖାଦ୍ୟଶସ୍ୟ ଓ ପନିପରିବାର ପୌଷ୍ଟିକଗୁଣ ଓ ରୋଗ ପ୍ରତିଷେଧକ କ୍ଷମତା ଅଧିକ ଅମଳକ୍ଷମ ପ୍ରଜାତିଠାରୁ ଯଥେଷ୍ଟ ବେଶି। ତେଣୁ ବର୍ତ୍ତମାନ ସମୟରେ ଆମେ ସମସ୍ତେ ସ୍ୱଦେଶୀ ପ୍ରଜାତିର ଖାଦ୍ୟଶସ୍ୟ ତଥା ପନିପରିବାର ସଂରକ୍ଷଣ ସମ୍ବନ୍ଧରେ ପ୍ରୟତ୍ନ କରିବା ଆବଶ୍ୟକ। ବାଲେଶ୍ୱରରେ ନିଜ ପ୍ରଚେଷ୍ଟାରେ ସ୍ୱଦେଶୀ ପ୍ରଜାତିର ବିଭିନ୍ନ କିସମର ଧାନର ଏକ ସଂରକ୍ଷଣାଗାର କରିଥିବା ପରିବେଶବିତ୍ ଡ. ଅଶୋକ କୁମାର ପାଣିଗ୍ରାହୀଙ୍କୁ ସେ ପ୍ରଶଂସା କରିଥିଲେ। ପ୍ୟାଟେଣ୍ଟ ଫାଇଲିଂ ଓ ବୌଦ୍ଧିକ ସମ୍ପଦର ଅଧିକାର ସମ୍ବନ୍ଧରେ ତାଙ୍କ ଅନୁଭୂତି ଉପରେ ଡ. ଶିବା ମଧ୍ୟ ଆଲୋକପାତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସ୍ୱଦେଶୀ ପ୍ରଜାତିର ଧାନ ଓ ବିଭିନ୍ନ ପନିପରିବା କ୍ରମେ ବିଲୁପ୍ତ ହେଉଥିବା ବେଳେ ସମାଜରେ ପରମ୍ପରା ଓ ସାଂସ୍କୃତିକ ଅବକ୍ଷୟ ଘଟୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସ୍ୱଦେଶୀ ପ୍ରଜାତିର ଖାଦ୍ୟଶସ୍ୟର ସୁରକ୍ଷା ସହିତ ଆମ ପରିବେଶ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ମଧ୍ୟ ଜୈବିକ ସମ୍ପଦର ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।



ଡ. ବନ୍ଦନା ଶିବା ବକ୍ତବ୍ୟ ରଖୁଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି କୁଳପତି ପ୍ରଫେସର ମଧୁମିତା ଦାସ, ସଂଯୋଜକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ପ୍ରମୁଖ।

## ସଂକ୍ଷେପରେ

### ଉଦ୍‌ବୋଧନ ସ୍ମାରକୀ ଉତ୍ସବ

**ବାଲିଆପାଳ,୫।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ସତସଙ୍ଗ କେନ୍ଦ୍ରର ୨୪ତମ ଉଦ୍‌ବୋଧନ ସ୍ମାରକୀ ଉତ୍ସବ ଏବଂ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଠାକୁରଙ୍କ ଉଷା କୀର୍ତ୍ତନ, ପ୍ରାତଃ ନୀତି, ପ୍ରାର୍ଥନା ଏବଂ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ରିତ୍ୱିକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ସତସଙ୍ଗ ସଭା କାର୍ଯ୍ୟ ହୋଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡାକ୍ତର ଅଜିତ କୁମାର ଦାସ, ଲଙ୍ଗଳେଶ୍ୱର ସତସଙ୍ଗ ବିହାର ସମ୍ପାଦକ ସଞ୍ଜୟ କୁମାର ପାତ୍ର, ଜଳେଶ୍ୱର ସତସଙ୍ଗ ବିହାର ସମ୍ପାଦକ କେଦାର ନାଥ ମହାନ୍ତ ଏବଂ ଚକ୍ରଧର ଜେନା ପ୍ରମୁଖ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନ ଦର୍ଶନ କିପରି ଲୋକଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲିଆପାଳ ସତସଙ୍ଗ କେନ୍ଦ୍ରର ସମ୍ପାଦକ ଅବସରପ୍ରାପ୍ତ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସତିଆରେ ବନ୍ଧୁ ମିଳନ



**ଖଇରା,୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧିନ ସରସତିଆ ଗ୍ରାମ ଲାଖବିନ୍ଧା ପଡିଆରେ ରବିବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ଭାଜପାର ପୂର୍ବତନ କୃଷକମୋର୍ଚ୍ଚା ସଭାପତି ଶ୍ରୀଧର ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଇରା ବ୍ଲକର ୩୭ ପଞ୍ଚାୟତରୁ ଦଳମତ ନିର୍ବିଶେଷରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ବିଜେଡି ରାଜ୍ୟ ସମ୍ପାଦକ ତଥା ନିଳଗିରିର ବିଜେଡି ପର୍ଯ୍ୟବେକ୍ଷକ ଶଶି ସାହୁଙ୍କ ସମତେ ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ନାଥ ନାୟକ, କୁପାରୀର ପୂର୍ବତନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ଦାସ, ଜ୍ୟୋତ୍ସ୍ନାରାଣୀ ଦାସ,ହରିପୁରର ପୂର୍ବତନ ସରପଞ୍ଚ ଭାଗବତ ପଣ୍ଡା,ସୁଶାନ୍ତ ବେହେରା,କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ହରୀଶ ସାମଲ, ଅକ୍ଷୟ ଧିନ୍ଦା,ପ୍ରଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିବା କୁହାଯାଇଥିଲେ ମଧ ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଥିବା ଦେଖିବବାକୁ ମିଳିଛି।

### ସୋରରେ ନାବାଳକ ଭିକାରିଙ୍କୁ ମାଡ଼

**ସୋର, ୫।୧(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ନଟାପଡା ଛକରେ ଦୁଇ ନାବାଳକ ଭିକାରିଙ୍କୁ କେହି ଜଣେ ଯୁବକ ରବିବାର ମାଡମାରି ଲହୁଲୁହାଣ କରିଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା କରାଇବା ସହ କିଛି ଖାଦ୍ୟ ଖାଇବାକୁ ଦେଇଥିଲେ। ଏଭଳି ଆକ୍ରମଣ ପଛରେ କ'ଣ କାରଣ ରହିଛି ଜଣାପଡି ନାହିଁ।

## ଭୋଗରାଇରେ ବିଜେଡି କର୍ମୀ ସମ୍ମିଳନୀ

ଭୋଗରାଇ,୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ରବିବାର ବିଜେଡି ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ଯୋଗ ଦେଇଥିଲେ। ବିଜେଡି ସଂଗଠନକୁ ଗ୍ରାମାଞ୍ଚଳରେ ଅଧିକ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ସେ କର୍ମୀ ସମ୍ମିଳନୀରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟିର ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, ବାଲେଶ୍ୱରର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ସମ୍ପାଦକ ସନ୍ତୋଷ କୁମାର ଦାସ, ସାଧାରଣ ସମ୍ପାଦକ ତପନ କୁମାର ପଣ୍ଡା, ସରପଞ୍ଚ ନଗେନ୍ଦ୍ର କୁମାର ପାତ୍ର, ପ୍ରବୀର କୁମାର ଗିରି, ପ୍ରଦୀପ କୁମାର ବେହେରା, ଯୁବନେତା ଯାଦବୋ ମିଶ୍ର, ବରିଷ୍ଠ ନେତା ହରେନ୍ଦ୍ର କୁମାର ଦାସ, ଜିଲାପରିଷଦ ସଦସ୍ୟ ଦେବାଶିଷ ଚନ୍ଦ, ଅଶୋକ କୁମାର ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା ପ୍ରମୁଖ ଯୋ ଦେଇ ବକ୍ତବ୍ୟ ରଖିଥିଲେ।

## ବାଲେଶ୍ୱର କଳାକାର ସଂଘ ପକ୍ଷରୁ କଳାକାର ସମ୍ମିଳନୀ

# 'କଳା ଓ ସଂସ୍କୃତିର ବିକାଶରେ ସମାଜର ସମୃଦ୍ଧି ସମ୍ଭବ'

ସଜନାଗଡ଼,୫।୧(ଡି.ଏନ.ଏ.)

ସରକାରଙ୍କଠାରେ କଳାକାରମାନଙ୍କ ଆଭିମୁଖ୍ୟ ଓ ବିଭିନ୍ନ ଦାବି ଉପସ୍ଥାପନ କରିବା ଲକ୍ଷ୍ୟ ନେଇ ରବିବାର ପୂର୍ବାହ୍ନରେ ନୀଳଗିରି ସ୍ଥିତ କୈଳାସ ଚନ୍ଦ୍ର ହାଇସ୍କୁଲ୍ ପଡ଼ିଆରେ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର କଳାକାର ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିର ବିକାଶରେ ସମାଜର ସମୃଦ୍ଧି ହୋଇପାରିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ କଳାକାରଙ୍କର ବିଭିନ୍ନ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଥିଲେ। ବାଲେଶ୍ୱର କଳାକାର ସଂଘ ଶାଖାର ସଭାପତି ଗୌରାଙ୍ଗ ଚରଣ ଦାସ, ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ସାଂସ୍କୃତିକ ସମ୍ପାଦକ ରାଧାକୃଷ୍ଣ ଗିରି ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସଙ୍ଗୀତଜ୍ଞ ସୁକୁମାର ସାସ୍‌ମଲ ବିଭିନ୍ନ ଭଜନ ଶୁଣାଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ। କଳାକାର କାଳେନ୍ଦ୍ରୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ମନୋରଞ୍ଜନ ଦାସ। ଅନ୍ୟମାନଙ୍କ ମଧ୍ୟରେ ରବି ଦାସ, ହାସ୍ୟ ଅଭିନେତା ମଣିଭଦ୍ର ବିଶ୍ୱାଳ, ନୀଳଗିରି ଶାଖାର ସଭାପତି ବିଜୟ ବଳ, ଦାମ ପଣ୍ଡା, ସନ୍ତୋ ବେହେରା ପ୍ରମୁଖ ମଞ୍ଚାସୀନ ରହି କଳାକାରଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ପ୍ରଫୁଲ୍ଲ ଘୋଷ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟସଭାପତି ଦୈତାରୀ ପଣ୍ଡା କଳାକାର ସଂଘର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଖଳ ନାୟକ ଲୋକନାଥ ଲେଙ୍କା ମଞ୍ଚାସୀନ ରହି ଭାଷଣ ଦେଇଥିଲେ। ଏହି ଅବସରରେ କଳାକାର ଚିତ୍ତରଞ୍ଜନ ପଣ୍ଡା, ପଞ୍ଚାନନ ଶତପଥୀ, ଚିନ୍ତାମଣି ପରିଡ଼ା, ରମାକାନ୍ତ ସ, ମଣିଭଦ୍ର ବିଶ୍ୱାଳ, ପ୍ରମିଳା ମିଶ୍ର, ପ୍ରଭାତ ନାୟକ, ବଂଶୀଧର ପଣ୍ଡା, ସଂଯୁକ୍ତା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଚଣ ଚକ୍ରଧର ମହାପାତ୍ର, ଦାମୋଦର ପଣ୍ଡା, ଅନନ୍ତ ପ୍ରଧାନ, ମୀନକେତନ ଦାସ, ରବିନ୍ଦ୍ର ପ୍ରଧାନ, ମହେଶ୍ୱର ପ୍ରଧାନ, ରବି ଦାସଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥି।

## ପ୍ରତିଷ୍ଠା ଦିବସ ସମାରୋହ

ସୋର,୫।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ସତ୍ୟାନନ୍ଦ ହାଇସ୍କୁଲର ୮୨ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାଗୀରଥି ବିଶ୍ୱାଳ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଅଧ୍ୟାପକ ବିପ୍ଳବ କୁମାର ଜେନା ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା ସମିତି ଚେୟାରପର୍ସନ ଓ ପ୍ରାକ୍ତନ ଛାତ୍ରୀ ଡ. ସମୀରା ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିବରଣୀ ପାଠ କରିଥିଲେ ଶିକ୍ଷକ ଶ୍ରୀଧର ପଣ୍ଡା। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଆନ୍ତଃ ରାଜ୍ୟ ବନ୍ଧୁ ମିଳନ, ସାହିତ୍ୟ ଆସର

ଜଳେଶ୍ୱର, ୫।୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଉପାନ୍ତ ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ସ୍ମୃତି ପରିଷଦର ୪୦ତମ ନବବର୍ଷ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ତାରୁଣ୍ୟ ମିଳନୀକକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗରୁ ଆସିଥିବା ବହୁ ଶୁଭେଚ୍ଛୁ ଏଥିରେ ଯୋଗଦେଇ ବନ୍ଧୁ ମିଳନ, ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଭାଗ ନେଇଥିଲେ। ଡ. ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଏଭଳି ସାରସ୍ୱତ ସମାରୋହ ଓଡ଼ିଶା–ପଶ୍ଚିମବଙ୍ଗ ମଧ୍ୟରେ ଭାଇଚାରାକୁ ଦୃଢ଼ କରିବ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡା. ପଦ୍ମଲାଭ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆଲୋଚନା ଓ କବିତା ପଠୋତ୍ସବ ଡ. ରମାକାନ୍ତ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗେଶ ଚନ୍ଦ୍ର ରାଉଳ, ରମେଶ ଚନ୍ଦ୍ର ନାୟକ, ବସନ୍ତ ଦାସ, ପ୍ରଶାନ୍ତ ରାଉଳ, ସୁଧାକର ଗିରି, ବଂଶୀଧର ବେହେରା, ନିରଞ୍ଜନ ଦାସ, ଇଂ. ବ୍ରଜେନ୍ଦ୍ର ଘୋଷ, ଅଧ୍ୟାପିକା ଇନ୍ଦୁମତୀ ଗିରି, ଶାନ୍ତିଲତା ପ୍ରଧାନ, ଲିଲିମା ମହାନ୍ତି, ଅନନ୍ତ ଦାସ, ନିକୁଞ୍ଜ ଘୋଷ, ଅଧୀର ପ୍ରଧାନ, ଉଷାରାଣୀ ପ୍ରଧାନ, ମନୋରଞ୍ଜନ ଦାସମହାପାତ୍ରଙ୍କ ସମେତ ପଶ୍ଚିମବଙ୍ଗର ସମୀରନ୍ ଦତ୍ତ, ନିରାକାର ପାଣ୍ଡବ, ସନ୍ତୁ ଜେନା, ପାପିଆ ଘୋଷ ପ୍ରମୁଖ ଆଲୋଚନାରେ ଭାଗନେବା ସହ କବିତା ପାଠ କରିଥିଲେ। ସୁବଳ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।


ହିନ୍ଦ୍ ମଜଦୁର ସଭାର ଜିଲା କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ନେତୃବୃନ୍ଦ।

## 'ସମାଧାନର ରାସ୍ତା ଖୋଜି ପାରିଲେ ଦୁର୍ନୀତି ଆପଣାଛାଏଁ କମିଯିବ'

ସିମୁଳିଆ,୫।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରୁଡୁଙ୍ଗା ଅଞ୍ଚଳର ଆଇନ ସଚେତକ ତଥା ଖାଉଟି କର୍ମୀ ନୀଳାମ୍ବର ମିଶ୍ରଙ୍କ ବାସଭବନ ନିକଟରେ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ଖାଉଟି ସଙ୍ଗଠନର ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସମସ୍ୟାକୁ ଅଧିକ ଜଟିଳ କରିବା ଅପେକ୍ଷା ସମାଧାନର ରାସ୍ତା ଖୋଜି ପାରିଲେ ଦୁର୍ନୀତି ଆପଣାଛାଏଁ କମିଯିବ ବୋଲି ମତବ୍ୟକ୍ତ କରାଯାଇଥିଲା। ମୋବାଇଲର ଉଚିତ ବ୍ୟବହାର, ଇ–ଅଭିଯୋଗ, ଡିଜିଟାଲ ଲାଇବ୍ରେରୀ ଆଦି ଆଲୋଚନା କରାଯାଇଥିଲା। ଅତିଥି ରୂପେ କିଶୋର ଦାଶ, ନାରାୟଣ ପ୍ରସାଦ ସାମଲ, ସୁଧାକର ଦାଶ, ଗୋପାଳଚନ୍ଦ୍ର ମହଲା, ରାମେଶ୍ୱର ବେହେରା, ଭାଗୀରଥି ଗୋଛାୟତ, ଶାନ୍ତିଲତା ରାଉତ, ଗୌରୀମଣୀ ସିଂହ, ମଧୁସୂଦନ ଦାସ, ଅଦୈତ୍ୟ ସାହୁ, ପାର୍ଥସାରଥି ସାହୁ ପ୍ରମୁଖ ଭଦ୍ରକ ଓ ବାଲେଶ୍ୱର ଜିଲାରୁ ଯୋଗ ଦେଇଥିଲେ। ସମସ୍ତେ ଏକତ୍ରିତ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ।


ଅତିଥିମାନଙ୍କ ମଧ୍ୟରେ ସଂଗ୍ରାମୀ ନାରାୟଣ ପ୍ରସାଦ ସାମଲ ସୂଚନା ପ୍ରଦାନ କରୁଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ

ଔପଦା,୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତର 'ବୋଧି' ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ମାତୃପତାକା ଉତ୍ତୋଳନ ସହ ଧ୍ୟାନ, ପ୍ରାର୍ଥନା, ସ୍ୱାଧ୍ୟାୟ କାର୍ଯ୍ୟକ୍ରମ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପାଠଚକ୍ର ଜିଲା ସଂଗଠକ ଦୟାନିଧି ଭାଇ, ମନୋଜ ଭାଇ ଓ ରାଜ୍ୟ ସଂଗଠକ ପ୍ରଭାତ ଭାଇ ପୃଥିବୀ ପୃଷ୍ଠରେ ଦିବ୍ୟ ମାନବର ଅଭିବ୍ୟକ୍ତି ଓ ଶ୍ରୀଅରବିନ୍ଦ ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଅନନ୍ତ ଭାଇ ଓ ଜଗନ୍ନାଥ ଭାଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଭାଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣ ଧର୍ମଘଟକୁ ସଫଳ କରିବାକୁ ବୈଠକ

**ବାଲେଶ୍ୱର ଅଫିସ,୫।୧:** ବାଲେଶ୍ୱର ହିନ୍ଦ୍ ମଜଦୁର ସଭା ପକ୍ଷରୁ ଆସନ୍ତା ୮ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ରବିବାର ପୂର୍ବାହ୍ନରେ ଷ୍ଟେଶନ ଛକ ସ୍ଥିତ କାର୍ଯ୍ୟାଳୟରେ ଜିଲା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଅରୁଣ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଦରଦାମ ବୃଦ୍ଧିକୁ ରୋକିବା, ସମାନ କାମକୁ ସମାନ ଦରମା ଦେବା, କର୍ପୋରେଟ ସ୍ୱାର୍ଥରେ ଶ୍ରମ ଆଇନ୍ ପରିବର୍ତ୍ତନ ବନ୍ଦ କରିବା, ସ୍କିମ ୱାର୍କର୍ସଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ, ରେଳ, ବୀମା, ବ୍ୟାଙ୍କ, ପ୍ରତିରକ୍ଷା, କୋଇଲା, ଇସ୍ପାତ ସମେତ ସାର୍ବଜନୀନ କ୍ଷେତ୍ରର ଘରୋଇକରଣ ବନ୍ଦ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ୧୦୦% ଏଫ୍‌ଡିଆଇ ବନ୍ଦ କରିବା ଓ କୃଷକଙ୍କ ଲାଗି ସ୍ୱାମୀନାଥନ୍ କମିଟି ସୁପାରିସ ଲାଗୁ କରିବା ଦାବି ହାସଲ ସମେତ କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ମାରଣାନୀତି ବିରୋଧରେ ସମସ୍ତେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟରେ ସାମିଲ ହେବାକୁ ବୈଠକରେ ଗୁରୁତ୍ୱରୋପ କରାଯାଇଥିଲା। ବିର୍ଲା ଟାୟାର, ଧାମରା ପୋର୍ଟ, ଇସ୍ପାତ, ଇମାମି, ଓରିପ୍ଲାଷ୍ଟ ଏବଂ ଅନ୍ୟ କଳକାରଖାନାରୁ ଆସିଥିବା ଶ୍ରମିକ, ନିର୍ମାଣ ଶ୍ରମିକଙ୍କ ସମେତ କୃଷକ ସାଥୀମାନେ ବୈଠକରେ ଉପସ୍ଥିତ ଥିଲେ।

## ମହୋତ୍ସବରେ ସମ୍ବର୍ଦ୍ଧିତ ହେବେ ୨୧ ବିଶେଷ ପ୍ରତିଭା

ଖଇରା,୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଦୁର୍ଗାମଣ୍ଡପ ପରିସରରେ ଆସନ୍ତା ୧୧ ଓ ୧୨ତାରିଖ ଦୁଇ ଦିନ ଧରି ଅଷ୍ଟାଦଶ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସଭା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଶେଷରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୈଠକରେ ସଭାପତି ଚିନ୍ତାମଣି ସାହାଣି ପୌରୋହିତ୍ୟ କରି ଖଇରା ଓ ଏହା ଆଖପାଖ ଅଞ୍ଚଳର ପ୍ରତିଭାର ବିକାଶ ପାଇଁ ୧୮ବର୍ଷ ଧରି ଉକ୍ତ ସଂସ୍ଥା କାର୍ଯ୍ୟ କରି ଆସୁଥିବା କହିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଏବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମ ଦିନ ଶଙ୍ଖଫୁଙ୍କା ଓ ସଂଗୀତ ଫାଇନାଲ ପ୍ରତିଯୋଗିତା ପରେ ସନ୍ଧ୍ୟାରେ ସଭା ଏବଂ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ପୁରୀର ରଙ୍ଗଶାଳା ସଂସ୍ଥା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ୧୨ ତାରିଖରେ ନୃତ୍ୟ ପ୍ରତିଯୋଗିତା, ୨୧ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ସଂସ୍କୃତି ବିଭାଗ ତରଫରୁ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ମଞ୍ଚସ୍ଥ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିରାମ ପାଣିଗ୍ରାହୀ,ଡା ହରେକୃଷ୍ଣ ରାଉତ,ରମେଶ ଚନ୍ଦ୍ର ସାହୁ,ବିଭୂତି ଭୂଷଣ ତ୍ରିପାଠୀ,ଦେବେନ୍ଦ୍ର ରାଉତ,ସଞ୍ଜୟ ଭଞ୍ଜରାୟ,ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ଉପସ୍ଥିତ ସଂଗଠନର କର୍ମକର୍ତ୍ତା।

## ପ୍ରକଳ୍ପ ନିର୍ମାଣକୁ ବର୍ଷେ ପୂରିନି

# ଲୋକଙ୍କ ନିକଟରେ ପହଞ୍ଚୁନି ପିଇବା ପାଣି

ଖଇରା, ୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ପାନୀୟ ଜଳ ପ୍ରକଳ୍ପ ନିର୍ମାଣର ବର୍ଷେ ନ ପୂରୁଣୁ ବହୁ ସ୍ଥାନରେ ପାଇପ ନଷ୍ଟ ହେବା ଯୋଗୁ ଲୋକଙ୍କ ନିକଟରେ ପାଣି ପହଞ୍ଚିବା ପରିବର୍ତ୍ତେ ରାସ୍ତାରେ ବୋହି ଲହଡ଼ି ମାରୁଛି। ଗ୍ରାମବାସୀ ପାଇପ ମରାମତି ଦାବିକରି କୌଣସି ସୁଫଳ ନ ପାଇବାରୁ ଶେଷରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ୧ଲକ୍ଷ ଲିଟର ଜଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ପ୍ରକଳ୍ପ ନିର୍ମାଣ କରାଯାଇ ରଟିଣା ପଞ୍ଚାୟତର ଧନିଆବନ୍ଧ, ସାଇମନ୍ଦିର, ଇଚ୍ଛାପୁର, ରଟିଣା ଶାସନ, ଗଡସାହି ଆଦି ଗ୍ରାମକୁ ପାଇପ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ବର୍ଷେ ନ ପୂରୁଣୁ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ପାଇପ ଫାଟିଯିବାରୁ ପାଣି ରାସ୍ତାରେ ବୋହି ନଷ୍ଟ ହେଉଛି। ଏଥିଲାଗି ସ୍କୁଲ ପିଲାମାନେ ରାସ୍ତାରେ ଯିବାଆସିବାରେ ହଇରାଣ ହେଉଛନ୍ତି। ନିମ୍ନମାନର କାମ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗ୍ରାମର ଶମ୍ଭୁନାଥ ନାୟକ,ଚୁନା ମିଶ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ପାଇପ ମରାମତି କରା ନ ଗଲେ ଧାରଣା, ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ନିରାକାର ଶତପଥୀ, ପ୍ରଫୁଲ୍ଲ କୁମାର ମହାନ୍ତି,ନାରାୟଣ ଦାସ ପ୍ରମୁଖ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପଞ୍ଚାୟତ କର୍ତ୍ତୃପକ୍ଷ ଲିଖିତ ଭାବେ ଜଣାଇଲେ ପାଇପ ମରାମତି ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ପାଇପ ଫାଟି ପାଣି ବୋହି ଯାଉଛି।

## ସଂକ୍ଷେପରେ

### ଆଜିଠୁ ଆନ୍ତଃ ରାଜ୍ୟ ଦିବାକର ସ୍ମାରକୀ ଫୁଟବଲ

ବାସୁଦେବପୁର, ୫।୧(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ସୁଙ୍ଗୁଡ଼ାସ୍ଥିତ ନୀଳମଣି ମିନି ଷ୍ଟାଡିୟମ ପରିସରରେ ସୋମବାରଠାରୁ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ୩୩ତମ ଆନ୍ତଃ ରାଜ୍ୟ ଦିବାକର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଚଳିତବର୍ଷ ରାଜ୍ୟ ଓ ରାଜ୍ୟ ବାହାରର ୮ଟି ଟିମ୍ ଏଥିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମଶାଳା କ୍ଲବ ଜାରକା, କଟକ ଏନ୍ଆର୍ଆଇ, ଖୋର୍ଦ୍ଧା ଆରିଆନ ଏକାଡେମୀ, କେନ୍ଦୁଝର ଟାଉନ କ୍ଲବ, ଖଡ଼ଗପୁର ଏକାଦଶ, ଆଳି ଆଥ୍ଲେଟିକ, ଏମ୍ବିସି ଟିମ୍ ରାଜଘାଟ ଜଳେଶ୍ୱର ଓ ବାରିପଦା ୟୁନାଇଟେଡ କ୍ଲବ ମଧ୍ୟରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଉଦ୍ଘାଟନୀ ଦିବସରେ ଖଡ଼ଗପୁର ଓ ଧର୍ମଶାଳା କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଶ୍ରୀଗଣେଶ କ୍ଲବର ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ପୁରୁଣା ସ୍ମୃତିକୁ ମନେ ପକାଇଲେ

ବନ୍ତ,୫।୧(ସ୍ୱ.ପ୍ର.)- ବନ୍ତ ବ୍ଲକ ଅଢ଼ାଳପଙ୍କ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ୧୯୯୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର କପାଳି କ୍ଷେତ୍ର ନିମପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ୨୩ ବର୍ଷ ପରେ ବ୍ୟାଚ୍ ଛାତ୍ରୀଛାତ୍ର ଏକାଠି ହୋଇଥିବାରୁ ସମସ୍ତଙ୍କ ପାଇଁ ଆଜିର ଦିନ ସ୍ମରଣୀୟ ହୋଇ ରହିବ ବୋଲି ସେମାନେ କହିଥିଲେ। ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ ସହିତ ହାଇସ୍କୁଲ ବେଳର ସ୍ମୃତିକୁ ମନେ ପକାଇଥିଲେ। ସୁକାନ୍ତି ମାଝି, ସୁପ୍ରଭା ଧଳ, ଶ୍ରୀକାନ୍ତ ନାୟକ, ପ୍ରଣବ ନାୟକ, ମଧୁସୂଦନ ଶଙ୍ଖୁଆ, ଯଶୋବନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରକାନ୍ତ ରାଉତ, ଉତ୍ତମ ସାହୁ, ବିଜୟ ସାହୁ, ପାର୍ଥସାରଥି ଦାସ, ଶେଷଦେବ ନାୟକ, ହିରଣ୍ମୟୀ ଖିଲାର, ଅହଲ୍ୟା ସାହୁ, ରଶ୍ମିରେଖା ପଢ଼ିଆରୀ, ଜଗନ୍ନାଥ ପଲତା, ବିଶ୍ୱନାଥ ଶଙ୍ଖୁଆ, ପ୍ରତାପ ସେଠୀ, ବିଦ୍ୟାଧର ରାଉତ, ମନୋଜ ସାମଲ, ଶଶୀକାନ୍ତ ସାହୁ ଓ ବିଶ୍ୱନାଥ ଓଝା ପ୍ରମୁଖ ଯୋଗ ଦେଇଥିଲେ।

### ସର୍ବଭାଷୀ କବି ସମ୍ମେଳନରେ ହୃଦାନନ୍ଦ

ତିହିଡ଼ି, ୫।୧(ଡି.ଏନ.ଏ.)- ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଝାଡ଼ଫଟା ଗ୍ରାମର ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ ସର୍ବଭାଷୀ କବି ସମ୍ମିଳନୀରେ ଯୋଗ ଦେଇଥିଲେ। ନୂଆଦିଲ୍ଲୀ ପ୍ରସାରଭାରତୀ କେନ୍ଦ୍ର ଆନୁକୂଲ୍ୟରେ ଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସ-୨୦୨୦ ଉପଲକ୍ଷେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତବର୍ଷର ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷାର କବି ଏଥିରେ ଯୋଗ ଦେଇଥିବାବେଳେ ଓଡ଼ିଶାରୁ ଏକମାତ୍ର କବି ଭାବେ ହୃଦାନନ୍ଦ ଯୋଗଦାନ କରିଥିଲେ। ପ୍ରସାରଭାରତୀର ଉପ ମହାନିର୍ଦ୍ଦେଶକ ରାଜଶେଖର ବ୍ୟାସଙ୍କ ସଞ୍ଚାଳନ କ୍ରମେ ବରିଷ୍ଠ ହିନ୍ଦୀ ଲେଖିକା ଡ. ଚିତ୍ରା ମୁଦ୍ଗଲ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଆୟୋଜିତ କବିତା ପାଠ ଉତ୍ସବରେ ହୃଦାନନ୍ଦ ଧୂଳିମାଟି କବିତା ପାଠ କରିଥିବାବେଳେ ପ୍ରସନ୍ନ ଚୌଧୁରୀ ଏହାକୁ ହିନ୍ଦୀ ଭାଷାରେ ଅନୁବାଦ କରି ଶୁଣାଇଥିଲେ। ମାଟି ପ୍ରତି ମମତାବୋଧ ଓ ସାମାଜିକ ଅବକ୍ଷୟର ଚିତ୍ର ବହନ କରିଥିବା କବିତା ସମ୍ମିଳନୀରେ ପ୍ରଶଂସିତ ହୋଇଥିଲା। ଏହି ଅବସରରେ କବି ହୃଦାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା।

# ସୁଧୁରୁନି ଚରମ୍ପା ଷ୍ଟେଶନରୋଡ୍ ଟ୍ରାଫିକ ସମସ୍ୟା



ଭଦ୍ରକ ଚରମ୍ପା ଷ୍ଟେଶନ ରାସ୍ତାରେ ଟ୍ରାଫିକ ଜାମ୍।

- ହଇରାଣ ହେଉଛନ୍ତି ଯାତ୍ରୀ
- ପ୍ରସ୍ତାବରେ ଅଟକିଛି ଓଭରବ୍ରିଜ୍ ଓ ରାସ୍ତା

ଭଦ୍ରକ ଅଫିସ,୫।୧

ଭଦ୍ରକ ଷ୍ଟେଶନରୁ ସହରକୁ ପ୍ରବେଶ ପଥ ଚରମ୍ପା ଷ୍ଟେଶନ ଫିଡର ରୋଡ୍ରେ ଟ୍ରାଫିକ ଜାମ୍ ସମସ୍ୟା ଯୋଗୁ ଯାତ୍ରୀମାନେ ଦୈନିକ ହଇରାଣ ହେଉଛନ୍ତି। ରାସ୍ତା ଜାମ୍ ଯୋଗୁ ସାଧାରଣ ଲୋକେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଷ୍ଟେଶନ ଆରପାଖର ଲୋକେ ଭଦ୍ରକ ସହରକୁ ଆସିବା ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ, ରେଳ କର୍ତ୍ତୃପକ୍ଷ ଓ ପୂର୍ତ୍ତବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ଏହି ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଭଦ୍ରକ ଷ୍ଟେଶନରେ ମାସର ପ୍ରାୟ ୧୫ଦିନ ସିମେଣ୍ଟ, ଗହମ ଓ ଚାଉଳ ଟ୍ରେନରୁ ଅନ୍ଲୋଡ ହୋଇ ଟ୍ରକ ଯୋଗେ ଗୋଦାମକୁ ସ୍ଥାନାନ୍ତର ହୁଏ। ଏଥିପାଇଁ ପ୍ରାୟ ୨ଶହରୁ ୩ଶହ ଟ୍ରକ ମାଲ ନେବା ଲାଗି ନିୟୋଜିତ ହୋଇଥାଏ। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୁଏ। ଚରମ୍ପା ଷ୍ଟେଶନ ରୋଡ୍ର ଓଭରବ୍ରିଜ ନିକଟରେ ଏହି ଦିନରେ ଟାଉନ ଥାନା ପୋଲିସ ଓ ଚରମ୍ପା ଫାଣ୍ଡି ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୋଲିସ ମୁତୟନ ରହିଥାନ୍ତି। ହେଲେ ସୀମିତ ପୋଲିସ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ବିଫଳ ହେଉଥିବା ଅଭିଯୋଗ ହୋଇଆସୁଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉଭୟପାର୍ଶ୍ୱ ଜବରଦଖଲକାରୀଙ୍କ କବ୍ଜାରେ ରହିଥିବାରୁ ରାସ୍ତା ସମ୍ପ୍ରସାରଣ ହୋଇପାରୁ ନାହିଁ। ଏହାକୁ ନେଇ କୋର୍ଟ କଚେରି ପର୍ଯ୍ୟନ୍ତ ମାମଲା ଯାଉଛି। କିନ୍ତୁ ଏହାର କୌଣସି ବିକଳ୍ପ ପ୍ରତି ଷ୍ଟେଶନ କର୍ତ୍ତୃପକ୍ଷ ତତ୍ପର ହେଉନାହାନ୍ତି। ଟ୍ରାଫିକ୍ ସମସ୍ୟା ଯୋଗୁ ଯାତ୍ରୀମାନେ ଠିକ୍ ସମୟରେ ଷ୍ଟେଶନରେ ପହଞ୍ଚି ପାରୁ ନ ଥିବା କହୁଛନ୍ତି। ଅପରପକ୍ଷେ ଏହି ଟ୍ରାଫିକ ସମସ୍ୟା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜିର ରହିଛି।

ସ୍ଥାନୀୟ ବରାଳପୋଖରୀ, ବଉଳପୋଖରୀ, ଝାଟିଆ, ତଳାଙ୍ଗ ଶାସନ, ବିଦାଙ୍ଗ, ରହଣିଆସାହି, ବିରିଗଡ଼ିଆ, ଓକାଳ, ବଗମରା, କାଉପୁର, ନୂଆପୋଖରୀ, ଥୋର୍ଦ୍ଧା, ବନ୍ଧଗାଁ, ଅନ୍ତରା, ଭୁଲିଆ, କନ୍ଦଡା, ବାଣିତିଆ, ବର୍ଦ୍ଧା, ବାଲିପୋଖରୀ ଅଞ୍ଚଳର ଲୋକ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ପ୍ରସ୍ତାବରେ ଅଟକିଥିବା ଶର୍ଟକଟ ରାସ୍ତାକୁ କାର୍ଯ୍ୟକ୍ଷମ କରାଇବା ସକାଶେ ପୂର୍ବତନ କାଉନସିଲର ଉର୍ମିଳା ଚୌଧୁରୀ, କାମେଶ୍ୱର ପରିଡା, ରଞ୍ଜନ ଜେନା, ବଟକୃଷ୍ଣ ରାଉତ, ସମାଜସେବୀ ଖଗେଶ୍ୱର ବାରିକ, ରାଜକିଶୋର ମିଶ୍ର, ରୋଟାରିଆନ ଶିଶିର ମିଶ୍ର ଓ ବିଜୁ ବିଶ୍ୱାଳ ପ୍ରମୁଖ ବହୁବାର ଦାବି କରିଆସିଥିବା ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷେ ତାରିଣୀ ଲେଭଲ କ୍ରସିଂ ନିକଟରେ ଓଭରବ୍ରିଜ ନିର୍ମାଣ ଦାବିରେ କଂଗ୍ରେସ ପକ୍ଷରୁ ୩ ଥର ରେଳରୋକୋ କରାଯାଇଛି। ହେଲେ ଏଷ୍ଟିମେଟ କରାଯାଇ କାର୍ଯ୍ୟାରମ୍ଭ ଯୋଜନା କେବଳ ଯୋଜନାରେ ଅଟକିଛି। ଏ ସମ୍ପର୍କରେ ରେଲୱେ କର୍ତ୍ତୃପକ୍ଷ କହିଛନ୍ତି, ରାସ୍ତା ନିର୍ମାଣ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ଏଣୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରିବ। ଏଥିରେ ରେଲୱେର କୌଣସି ଭୂମିକା ନାହିଁ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକଙ୍କୁ ପଚାରିବାରୁ ଶର୍ଟକଟ ରାସ୍ତା ନିର୍ମାଣ ପରିବର୍ତ୍ତେ ରେଲୱେ ଓଭରବ୍ରିଜ୍ କରାଯାଇ ଜାତୀୟ ରାଜପଥକୁ ଏକ ସ୍ୱତନ୍ତ୍ର ରାସ୍ତା ଯୋଗେ ସଂଯୋଗ କରାଯିବା ପାଇଁ ଯୋଜନା ହୋଇ ଏଷ୍ଟିମେଟ୍ ତିଆରି ସରିଛି। ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଭାଜପାର ଜନଜାଗରଣ କାର୍ଯ୍ୟକ୍ରମ ଆରମ୍ଭ

## ସିଏଏ, ଏନ୍ଆର୍ସି ନେଇ ଲୋକଙ୍କୁ ସଚେତନ କରାଯିବ




ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ମନମୋହନ ସାମଲ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୫।୧

ଭାଜପା ପକ୍ଷରୁ ମାସିକିଆ ଜନଜାଗରଣ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଜିଲାରେ କାର୍ଯ୍ୟ କରିବ ବୋଲି ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସିଏଏ(ନାଗରିକତ୍ୱ ସଂଶୋଧନ ଆଇନ) ଓ ଏନ୍ଆର୍ସି ସମ୍ପର୍କରେ ରହିବ ବୋଲି କୁହାଯାଇଛି। ଏହି ଦୁଇ ଆଇନର ଉପକାରିତା ସମ୍ପର୍କରେ ଭାଜପା ଘର ଘର ବୁଲି ଲୋକଙ୍କୁ ସଚେତନ କରାଇବ। ନାଗରିକତ୍ୱ ସଂଶୋଧନ ଆଇନ ଅନୁଯାୟୀ କୌଣସି ମୁସ୍ଲିମ ସମ୍ପ୍ରଦାୟଙ୍କ ସମେତ କାହାରି ନାଗରିକତ୍ୱ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଦେଶକୁ ଜାତି ଓ ଧର୍ମ ଆଧାରରେ କଂଗ୍ରେସ ବିଭାଜନ କରୁଛି ତଥା ମିଥ୍ୟା ଅପପ୍ରଚାର କରୁଛି। ଏହି ଆଇନକୁ ନେଇ ଲୋକଙ୍କୁ ଭୁଆଁ ବୁଲାଯାଉଛି ବୋଲି କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ଉପନେତା। ପ୍ରଧାନମନ୍ତ୍ରୀ ଦେଶ ଓ ନାଗରିକମାନଙ୍କ ସୁରକ୍ଷା ପ୍ରତି ଅଧିକ ଯତ୍ନଶୀଳ। ଏଣୁ ୩୭୦ ଧାରା, ୩୫(ଏ), ତିନି ତଲାକ୍, ଏନ୍ଆର୍ସି ଭଳି ବିଭିନ୍ନ ଐତିହାସିକ ପଦକ୍ଷେପ ନିଆଯାଇଥିବା ଭାଜପା ନେତୃବୃନ୍ଦ କହିଥିଲେ।

ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଜିଲା ସଭାପତି ହେମନ୍ତ ପାଢ଼ୀ, ଡ. ପ୍ରଦୀପ ନାୟକ, ଅଭିମନ୍ୟୁ ସେଠୀ, ମନୋଜ ମଲ୍ଲିକ, ଅନୁପ ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଚ୍ଛାୟତ, ପବିତ୍ର ମୋହନ ଦାସ, ମୟୂରଭଞ୍ଜ ପୂର୍ବତନ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଭାଜପା ନେତା ଯୋଗ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଜିଲାର ପ୍ରମୁଖ ନେତୃବୃନ୍ଦ, ମଣ୍ଡଳ ସଭାପତି, ବୁଥ୍ ସଭାପତି, ପଞ୍ଚାୟତ ପ୍ରମୁଖ ଓ ସହପ୍ରମୁଖ, ମୋର୍ଚ୍ଚାର ପଦାଧିକାରୀ, ଜିଲାପରିଷଦ ସଭ୍ୟଙ୍କ ସହ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ସରକାରୀ ଚାଉଳ ଜବତ ଘଟଣା

## ନିରପେକ୍ଷ ତଦନ୍ତ ଦାବି କଲା ଭାଜପା

ତିହିଡି, ୫।୧ (ଡ.ଏନ.ଏ)-ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଗତ ଶନିବାର ତହସିଲଦାର ଭାଟପଡ଼ା ପଞ୍ଚାୟତ ଅଫିସ ଛକ ନିକଟରେ ଥିବା ଏକ ବେସରକାରୀ ଘରୁ ସରକାରୀ ଚାଉଳ ଓ ଚାଉଳ ବୋଝେଇ ୨ଟି ଟ୍ରକ ଜବତ କରିଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପର୍ଦ୍ଦାଫାଶ କରାଯାଉ ବୋଲି ରବିବାର ସନ୍ଧ୍ୟାରେ ତିହିଡ଼ି ଦୀନଦୟାଲ ଭବନ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ଦାବି କରିଛି। ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶୁକଦେବ ମଲିକ, ବରିଷ୍ଠ ନେତା ରାଜକିଶୋର ନାୟକ, ସାହାଡ଼ାସୁନ୍ଦରୀ ମଣ୍ଡଳ ସଭାପତି ପ୍ରଦୀପ ବଳ, ସାଧାରଣ ସମ୍ପାଦକ ପ୍ରତାପ କୁମାର ଜେନା, ଐଶାନ୍ୟଚଣ୍ଡୀ ମଣ୍ଡଳ ସଭାପତି ପ୍ରମୋଦ ଦାସ, କାନ୍ତକବି ମଣ୍ଡଳ ସଭାପତି ତପନ ପାଢ଼ୀ ଓ ନିର୍ମଳ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ତିହିଡ଼ି ବ୍ଲକରେ ଚାଲିଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ କହିଥିଲେ। ଛତୁଆ, ମଧ୍ୟାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ଆବାସ ଆଦି ବିଭିନ୍ନ ଯୋଜନାରେ ଏହି ବ୍ଲକରେ ଅନିୟମିତତା କରାଯାଉଛି। ସରକାରୀ ଚାଉଳ ସରକାରୀ ଗୋଦାମରେ ରଖାଯିବାର ନିୟମ ଥିଲେ ମଧ୍ୟ ତିହିଡ଼ିର ଜଣେ ବ୍ୟକ୍ତିଙ୍କ ଘରେ ରଖାଯିବା କେତେଦୂର ଯଥାର୍ଥ ବୋଲି ସେମାନେ ପ୍ରଶ୍ନ କରିବା ସହ ସୋମବାର ଭାଜପାର ଏକ ଟିମ୍ ତିହିଡ଼ି ବିଡିଓ ଏବଂ ସିଡିପିଓଙ୍କୁ ଏନେଇ ଭେଟିବ ବୋଲି ସୂଚନା ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



ମଣ୍ଟୁ



ଗଣେଶ



ରୀତା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

# ବିନା ଫଳକରେ ଚାଲିଛି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ



ବନ୍ତ ଦୈନିକ ହାଟଠାରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ।

ବନ୍ତ,୫।୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ସ୍ଥିତ ଦୈନିକ ହାଟର ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ବିନା ଫଳକରେ ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହି କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖନୀୟ ଯେ, ଗତ ମାର୍ଚ୍ଚରେ ବନ୍ତ ଦୈନିକ ହାଟଠାରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସେତେବେଳେ କୁହାଯାଇଥିଲା। ୧୦ ମାସ ପରେ ଗତ କିଛିଦିନ ହେବ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଭଦ୍ରକ ଆର୍ଏମ୍ସି(ନିୟନ୍ତ୍ରିତ ବଜାର କମିଟି) ଦ୍ୱାରା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଜନୈକ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟ ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ସୂଚନା ଫଳକ ଲଗାଯିବାର ନିୟମ ଥିବାବେଳେ ଏଠାରେ ବିନା ଫଳକରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟବସାୟୀମାନଙ୍କ ସୁବିଧା ପାଇଁ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯାଉ ଥିବାରୁ ତାହାକୁ ଠିକ୍ ଭାବେ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆର୍ଏମ୍ସି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ୯୧ ଲକ୍ଷ ଟଙ୍କା ଥିବାବେଳେ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କୁ କୁହାଯାଇଥିବା ପ୍ରକାଶ କରିଛନ୍ତି।

# ୫ ବର୍ଷ ବିତିଲା, ସମ୍ପୂର୍ଣ୍ଣ ହେଲାନି ପୋଲ

ବାସୁଦେବପୁର,୫।୧(ଡି.ଏନ.ଏ.)



ଅସମ୍ପୂର୍ଣ୍ଣ ପୋଲ।

- ଅଧାପନ୍ତରିଆ ଯୋଗୁ କାମରେ ଆସୁନି
- ଚାଷୀ ହଇରାଣ

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବଳିବିନ୍ଧା ଗ୍ରାମଠାରୁ ଗମେଇ ନଦୀକୁ ସଂଯୋଗ କରୁଥିବା ମୋହନ ସାମଲ ନାଳ ଜଳ ନିଷ୍କାସନର ଏକ ପ୍ରମୁଖ ନାଳ। ଏହି ନାଳ ବଳିବିନ୍ଧା ବାଷଠି, ଚୂଡ଼ାମଣି, ଭୈରବପୁର ଆଦି ସଂଲଗ୍ନ ଗ୍ରାମର ଚାଷୀଙ୍କ ଚାଷଜମିକୁ ଦୁଇଭାଗ କରିଛି। ଏପାଖର ଚାଷୀ ଆରପାଖକୁ ଯିବା ପାଇଁ ଦୀର୍ଘବର୍ଷ ଧରି ହନ୍ତସନ୍ତ ହେଉଛନ୍ତି। ବିଶେଷକରି ଚାଷ ଆରମ୍ଭ ସମୟରେ ଚାଷୀମାନେ ପୋଲ ନ ଥିବାରୁ ନାଳରେ ପଶି ଅପର ପାଖକୁ ଯାଇ ଚାଷ କାର୍ଯ୍ୟ କରିଥାନ୍ତି। ସେହିପରି ଧାନ ଅମଳ ସମୟରେ ମଧ୍ୟ ଚାଷୀମାନେ ପାଚିଲା ଶସ୍ୟକୁ ବହୁ ବିପଜ୍ଜନକ ଭାବେ ଆରପାଖକୁ ନେଇଥାନ୍ତି। ଚାଷୀମାନଙ୍କ ଦୀର୍ଘଦିନର ଦାବି ପରେ ୫ ବର୍ଷ ତଳେ ଡ୍ରେନେଜ ବିଭାଗ ଏହି ନାଳ ଉପରେ ଏକ ପୋଲ ନିର୍ମାଣ ଆରମ୍ଭ କରିଥିଲା। ଏହାମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଅଧାପନ୍ତରିଆ ହୋଇ ରହିଥିବା ଯୋଗୁ ପୋଲ ଚାଷୀଙ୍କ କାମରେ ଆସୁନି ବୋଲି ଅଭିଯୋଗ ହେଉଛି।

ଏହି ଅସମ୍ପୂର୍ଣ୍ଣ ପୋଲ ପ୍ରାୟ ଆଖପାଖ ୫ ଖଣ୍ଡ ଗ୍ରାମର ୧ ହଜାର ଚାଷୀଙ୍କ ଦୁର୍ଦ୍ଦଶା ପାଲଟିଥିବା କୁହାଯାଉଛି। ସେହିପରି ନାଳକୁ ପରିଷ୍କାର କରାଯାଉ ନ ଥିବା ସହିତ ପୁନଃ ଖନନ କରାଯାଉ ନ ଥିବାରୁ ବଳକା ପାଣି ଠିକ୍ ଭାବେ ମଧ୍ୟ ନିଷ୍କାସନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ବଳିବିନ୍ଧା ଗ୍ରାମର ଚାଷୀ ଗଙ୍ଗାଧର ବାରିକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୫ ବର୍ଷ ହେବ ଅଧାପନ୍ତରିଆ ରହିଥିବାରୁ ଚାଷୀମାନେ ସମସ୍ୟାରେ ପଡୁଛନ୍ତି ବୋଲି କହିଛନ୍ତି। ଏହି ପୋଲ କାର୍ଯ୍ୟ ତୁରନ୍ତ ଶେଷ କରାଗଲେ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ଚାଷୀ ଗଣେଶ ଚନ୍ଦ୍ର ସାହୁ କହିଛନ୍ତି। ଯୁବ ଚାଷୀ ନାରାୟଣ ବେହେରା କହିଛନ୍ତି ଯେ, ପୋଲ ଅଧାପନ୍ତରିଆ ହୋଇପଡ଼ିଥିବାରୁ ଏହା ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଉଛି। ଡ୍ରେନେଜ ବିଭାଗ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଯନ୍ତ୍ରୀ ଶ୍ରୀପତି କରଣଙ୍କୁ ପଚାରିବାରୁ କେଉଁ ପରିସ୍ଥିତିରେ ଏହି ପୋଲ ଅସମ୍ପୂର୍ଣ୍ଣ ରହିଲା ତାହାର ତଦନ୍ତ ଓ ତନଖି କରାଯିବ ବୋଲି କହିଛନ୍ତି।

### ଯଶୋଟିକିରି ମହାବୀର କପ୍ କ୍ରିକେଟ

# ଯାଜପୁର ରୋଡ୍ ଏକାଡେମୀ ସେମିରେ

ଭଣ୍ଡାରିପୋଖରୀ, ୫।୧(ଡି.ଏନ.ଏ.)



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଯାଜପୁର ରୋଡ୍ ଏକାଡେମୀର ବିଶ୍ୱଜିତ ନନ୍ଦ।

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରି ମହାବୀର ଖେଳପଡ଼ିଆରେ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ୟୁନିକ୍ ଏକାଡେମୀକୁ ହରାଇ ଯାଜପୁର ରୋଡ୍ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଯାଜପୁର ରୋଡ୍ ଏକାଡେମୀ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୪ ରନ୍ କରିଥିଲା। ଦଳର ବିଶ୍ୱଜିତ ନନ୍ଦ ୩୯ ବଲ୍ରେ ୫୧ ଓ ଅଙ୍କୁଶ ମହାନ୍ତି ୧୭ ବଲରେ ୩୭ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ସୁଜିତ ବାରିକ ୫ ଓଭରରେ ୩୨ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ଜବାବରେ ୟୁନିକ୍ ଏକାଡେମୀ ୨୪.୧ ଓଭରରେ ୧୮୧ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତି ଆଚାର୍ଯ୍ୟ ୪୩ ବଲରେ ୫୯ ଓ ସୁଜିତ ବାରିକ ୨୯ ବଲରେ ୪୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଶୁଭମ୍ ସିଂ ୫ ଓଭର ବୋଲିଂ କରି ୩ ଉଇକେଟ ନେଇଥିଲେ। ଯାଜପୁର ରୋଡ୍ ଏକାଡେମୀର ବିଶ୍ୱଜିତ ନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅତିଥି ଭାବେ ନେରଡ଼ା ସରପଞ୍ଚ ବଦ୍ରିନାରାୟଣ ରାଉତ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅମ୍ପାୟର ଦୁର୍ଗା ପଟ୍ଟନାୟକ ଓ ଛାୟାକାନ୍ତ ଦ୍ୱିବେଦୀ ମ୍ୟାଚ ପରିଚାଳନା କରିଥିଲେ। କିଶୋର ଦଳେଇ, ମାନସ ନନ୍ଦ ଓ କିଷାନ ରାଉତ ସ୍କୋରର ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଯାଜପୁର ଟାଉନ ଇଲେଭେନ ଷ୍ଟାର ଓ ଭୁବନେଶ୍ୱର ରେଡ୍ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ବାଇକ୍-କ୍ୟାମ୍ପର ମୁହାଁମୁହିଁ: ୨ ଗୁରୁତର

ଯୋଡ଼ା, ୫।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ୨ ନଂ ଯୋଡା-ବାମେବାରୀ ରାସ୍ତାର କମାରଯୋଡା ଠାରେ ଶନିବାର ସନ୍ଧ୍ୟାରେ ଏକ କ୍ୟାମ୍ପର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ଆହତ ହୋଇଥିବା ଖବର ହସ୍ତଗତ ହୋଇଛି। ଆହତ ଦୁଇଜଣ ହେଲେ କମାରଯୋଡା ଅଞ୍ଚଳର ଶିବ ପାତ୍ର ଓ ନିତ୍ୟାନନ୍ଦ ଗିରି। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଟାଟାଷ୍ଟିଲ ଡାକ୍ତରଖାନାକୁ ପଠାଇଥିଲେ। କ୍ୟାମ୍ପରଟିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ୟାମ୍ପରଟିକୁ ଜବତ କରିବା ସହିତ ଏହାର ତଦନ୍ତ ଆରମ୍ଭ କରିଛି।

### ପାନୀୟଜଳ ପ୍ରକଳ୍ପ ଅଚଳ

ରାଇସୁଆଁ, ୫।୧ (ଡି.ଏନ.ଏ.)- ଲୋକଙ୍କୁ କିପରି ଶୁଦ୍ଧପାନୀୟ ଜଳ ମିଳିପାରିବ ସେଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ବହୁ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ରହିଥିବା ସୂଚନା ମିଳିଛି। ସଦର ବ୍ଲକ ଅନ୍ତର୍ଗତ ଡିମ୍ବ ପଞ୍ଚାୟତର ଚକ ଗ୍ରାମର ରଙ୍ଗାମାଟିଆ ସାହିରେ ଥିବା ସୌର ଚାଳିତ ପାନୀୟ ଜଳପ୍ରକଳ୍ପ ଅକାମୀ ହୋଇପଡ଼ିଛି। ଏହି ପ୍ରକଳ୍ପ ରଙ୍ଗାମାଟିଆ ସାହିର ୫୦ରୁ ଊର୍ଦ୍ଧ୍ୱ ପରିବାରର ପାନୀୟ ଜଳ ସମସ୍ୟାକୁ ଦୂର କରୁଥିଲା। ବର୍ଷେ ହେବ ନିର୍ମାଣ ହୋଇଥିବା ବେଳେ ୩ମାସରୁ ଅଧିକ ହେବ ଏହି ପ୍ରକଳ୍ପ ଅଚଳ ହୋଇ ପଡିଛି। ଗ୍ରାମବାସୀ ଏହାକୁ ସଜାଡ଼ିବା ପାଇଁ ବହୁ ବାର ବ୍ଲକ କାର୍ଯ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା,୫।୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳିପଶି ସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଭାବେ ୩୯ ତମ ବାର୍ଷିକ ଉତ୍ସବ ରବିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁଚରଣ ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ସ୍ଥାନୀୟ ସରପଞ୍ଚ କନକଲତା ନାଏକ, ମୂଷାଖରୀ ସରପଞ୍ଚ ଭାମାମଣି ଦାସ ଓ ସାମାଜିକ କର୍ମୀ ମାଧବାନନ୍ଦ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

### ବଡବିଲରେ 'ଆମ ପୋଲିସ' ବୈଠକ

ବଡବିଲ, ୫।୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲସ୍ଥିତ ଦାମୁହିଟିଂଠାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ମହିଳାପୁରୁଷ ଉପସ୍ଥିତ ରହିଥିଲେ। ପୋଲିସ ସହ ଜନସମ୍ପର୍କ ବୃଦ୍ଧି ଦ୍ୱାରା ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ, ଅପରାଧ ଓ ଅପରାଧୀଙ୍କୁ ଆଦୌ ସହ୍ୟ କରା ନ ଯିବା, ବୃଦ୍ଧାବୃଦ୍ଧଙ୍କୁ ସ୍ୱତନ୍ତ୍ର ଧ୍ୟାନ, ଅପରାଧୀଙ୍କୁ ଧରିବା, ଅପରାଧକୁ ରୋକିବା ଏବଂ ଅପରାଧିକ କାର୍ଯ୍ୟକଳାପର ମୂଳୋତ୍ପାଟନ ନିମନ୍ତେ ପୋଲିସ ଜନସାଧାରଣଙ୍କ ବନ୍ଧୁ ସାଜିବ ବୋଲି ମଞ୍ଚସୀନ ଏସଡିପିଓ ଭୂୟାଁ ଏବଂ ବଡବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ବୁଡିବାକୁ ବସିଲାଣି ବାଉଁଶ ଶିଳ୍ପ

# ଦୁର୍ଦ୍ଦିନରେ ବାଉଁଶ କାରିଗର

ସଞ୍ଜୀବ କୁମାର ସାହୁ
ରାଇସୁଆଁ, ୫।୧

ବାଉଁଶ ଶିଳ୍ପ ଏକ ଲାଭଜନକ କୁଟୀର ଶିଳ୍ପ ଥିଲା। ଏହି କୁଟୀର ଶିଳ୍ପ ମାଧ୍ୟମରେ ଶହଶହ ପରିବାର ଆତ୍ମନିର୍ଭରଶୀଳ ହୋଇ ନିଜନିଜର ଗୁଜୁରାଣ ମେଣ୍ଟାଇ ପାରୁଥିଲେ। ବହୁ ପରିବାର ବେରୋଜଗାରରୁ ମୁକ୍ତି ପାଇ ପାରୁଥିଲେ। ବର୍ତ୍ତମାନ ଆମ ରାଜ୍ୟରେ ଲକ୍ଷ ଲକ୍ଷ ବେକାରୀ କାମଧନ୍ଦା ନପାଇ ବେକାର ହୋଇ ବୁଲୁଛନ୍ତି। ଏହି ବାଉଁଶ ଶିଳ୍ପ ବୁଡ଼ିବାକୁ ବସିଲାଣି। ଆଗରୁ ଲୋକେ ଏହି ବାଉଁଶରେ ତିଆରି ସାମଗ୍ରୀକୁ ନେଇ ନିଜର ଦୈନନ୍ଦିନ ବ୍ୟବହାର କରୁଥିଲେ। କିନ୍ତୁ ଏବେ ସମୟ ପରିବର୍ତ୍ତନ ହୋଇଛି। ସମସ୍ତେ ଆଧୁନିକତାକୁ ଆପଣାଉ ଥିବାରୁ ଧୀରେ ଧୀରେ ଏହି ବାଉଁଶ ଶିଳ୍ପ ବନ୍ଦ ହେବାକୁ ବସିଛି। ଗାଁ ଲୋକେ ଏହାକୁ ବିକି ନିଜର ତେଲ, ଲୁଣ ସଂସାର କଟାଉଥିଲେ। କିନ୍ତୁ ଏବେ ତାହା ଆଉ ସମ୍ଭବ ହେଉନାହିଁ। ଏହି କାରିଗରମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଲୋକେ ଏବେ ବହୁ ହଇରାଣ ହେଉଛନ୍ତି। ବହୁ ବେକାର ଯୁବତୀଯୁବକ କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ ଯଥା ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ବାଙ୍ଗାଲୋର, ତାମିଲନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟକୁ ଶ୍ରମିକ ହିସାବରେ କାମ ଧନ୍ଦା ପାଇଁ ଯାଇ ବହୁ ନିର୍ଯାତିତ ହୋଇ ଫେରୁଛନ୍ତି।

ଆମ ଜିଲାରେ ବାଉଁଶ କୁଟିର ଶିଳ୍ପ କରି ବହୁ ଲୋକ ରୋଜଗାର କରି ଚଳୁ ଥିଲେ। ସରକାର ଏବଂ ଆମ ଜିଲା ପ୍ରଶାସନର ମାନସିକତାର ଅଭାବ ଯୋଗୁଁ ଏହି ଶିଳ୍ପ ଧିରେ ଲୋପ ପାଇବାକୁ ବସିଲାଣି । ଏହି ବାଉଁଶରେ କାରିଗର ମାନେ ବିଭିନ୍ନ ପ୍ରକାର ଘରକରଣା ଜିନିଷ ଯଥା କୁଲା ,ଟୁକୁଲି, ଗାଣ୍ଡୁଆ, ଚଲା ପ୍ରଭୃତି ତିଆରି କରି ବଜାରରେ ବିକ୍ରି କରି ଭଲ ଦିପଇସା ରୋଜଗାର କରି ଆରାମରେ ନିଜନିଜର ପରିବାର ପ୍ରତିପୋଷଣ କରିବା ସହିତ ବେରୋଜଗାର ଦୂର ହୋଇପାରିଥିଲା। ମାତ୍ର ସରକାରୀ ଭାବରେ ଏହି କୁଟିର ଶିଳ୍ପର ଉନ୍ନତି ପାଇଁ କିଛି ନ କରିବାରୁ ଧୀରେ ଧୀରେ ଏହି ଶିଳ୍ପ ବୁଡିବାକୁ ବସିଲାଣି। ବାଉଁଶ କାରିଗର ନବ ବେହେରା କୁହନ୍ତି ଆଗରୁ ଆମ୍ଭେ ମାନେ ଏହି ବାଉଁଶ ଶିଳ୍ପ କରି ବହୁ ଅର୍ଥ ରୋଜଗାର କରି ଆରାମରେ ଚଳୁଥିଲୁ ମାତ୍ର ଏବେ ସରକାରଙ୍କ ପ୍ରୋତ୍ସାହନର ଅଭାବ ଯୋଗୁ ଆମର ଏହି ଶିଳ୍ପ ବନ୍ଦ ହେବାକୁ ବସିଲାଣି। ବାଉଁଶ କାରିଗର ସତ୍ୟ ବେହେରା କୁହନ୍ତି ଯଦି ସରକାର ଏହି ଶିଳ୍ପର ବିକାଶ ପାଇଁ ଚିନ୍ତା କରନ୍ତେ ତେବେ ବହୁ ଲୋକ କର୍ମନିଯୁକ୍ତି ପାଇ ପାରନ୍ତେ। ଏଥିପ୍ରତି ଜିଲା ପ୍ରଶାସନ ଏବଂ ସରକାର ଦୃଷ୍ଟି ଦେଇ ବୁଡି ଯାଉଥିବା ଏହି ବାଉଁଶ କୁଟିର ଶିଳ୍ପର ଶିକାଶ ପାଇଁ ତୁରନ୍ତ ପଦକ୍ଷେ ନେବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।


ବାଉଁଶ କାରିଗରମାନେ ସାମଗ୍ରୀ ଧରି ନିଜ ସମସ୍ୟା ଜଣାଉଛନ୍ତି।

## ଖିରେଇଟାଙ୍ଗିରି ବଡ଼ବନ୍ଧରେ ଶତାଧିକ ବିଦେଶୀ ପକ୍ଷୀଙ୍କ ସମାବେଶ

ପାଟଣା, ୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଖିରେଇଟାଙ୍ଗିରି ଗ୍ରାମର ବଡ଼ବନ୍ଧ ଠାରେ ଶତାଧିକ ବିଦେଶୀଗତପକ୍ଷୀଙ୍କ ଆଗମନ ହୋଇଛି। ରଙ୍ଗ ବେରଙ୍ଗର ପକ୍ଷୀଙ୍କୁ ଦେଖିବାକୁ ପ୍ରକୃତି ପ୍ରେମୀ ଓ ପରିବେଶ ବିତ ମାନଙ୍କ ମଧ୍ୟରେ ଉତ୍ସାହ ସହ ଭିଡ଼ ପରିଲକ୍ଷିତ ହୋଇଛି। ପିକନିକ ଋତୁରେ ପ୍ରକୃତୀ ପ୍ରେମୀ ଓ ପର୍ଯ୍ୟଟକ ଙ୍କୁ ଏହା ଆମୋଦ ଦେବାସହ ଆକୃଷ୍ଟ କରୁଛି। ଜାନୁୟାରୀ ୩ତାରିଖରେ ପାଟଣା ରେଞ୍ଜ ଯମୁନାପଶି ବିଟ ଖିରେଇଟାଙ୍ଗିରି ବଡ଼ ବନ୍ଧରେ ବନବିଭାଗ ତରଫରୁ ବିଦ୍ଧିବଧ ଭାବେ ପକ୍ଷୀଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ପାଟଣା ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାୟକଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ୨୭୦/୭୫ଟି ବିଦେଶୀଗତ ପକ୍ଷୀଙ୍କ ଆଗମନ ହୋଇଛି। ଏହି ପକ୍ଷୀଗୁଡିକ ଡିସେମ୍ବର ମାସ ଶେଷରେ ଏଠାକୁ ଆସିଥିବା ବେଳେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଠାରେ ଅବସ୍ଥାନ କରିବେ । ଏଣୁ ପର୍ଯ୍ୟଟକ ମାନେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହାର ଆନନ୍ଦ ନେଇପାରିବେ। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ଖିରେଇଟାଙ୍ଗିରି ବନପାଳ ଅମୂଲ୍ୟ ସେନାପତି, ଅକ୍ଷୟ ମହାନ୍ତି ଓ ପାରାଷ୍ଟାଫ ନିୟୋଜିତ ହୋଥିଲେ। ଏହି ବିଦେଶୀଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ପାଟଣା ରେଞ୍ଜ ତରଫରୁ କର୍ମଚାରୀ ମୁତୟନ କରାଯାଇଛି।

## ଶିଶୁ ଓ ବାଳିକାଙ୍କ ସୁରକ୍ଷା ପାଇଁ ଗଣଦୌଡ଼

ଚମ୍ପୁଆ, ୫।୧(ଡି.ଏନ.ଏ)

ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଗ୍ରିନ ଜୋନ ଯବାନ ସଙ୍ଗଠନ ପକ୍ଷରୁ ଶିଶୁ ଓ ବାଳିକା ସୁରକ୍ଷା ପାଇଁ ଏକ ମିନି ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ ବାଳିକା ସୁରକ୍ଷା ସଂକ୍ରାନ୍ତୀୟ ସଚେତନତା ପାଇଁ ଏହି ଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବାସୁଦେବ ମହାନ୍ତ, ଅକ୍ଷୟ କୁମାର ନାଏକ, ବାସନ୍ତୀ ମହାନ୍ତ, ବିଜୟ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସକାଳୁ ଏହି ମାରାଥନ ଦୌଡ ନେହେରୁ ଷ୍ଟାଡିୟମଠାରୁ ବାହାରି ପାଞ୍ଚପୋଖରିଆଠାରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୯୦ ଜଣ ମହିଳା, ପୁରୁଷ ଓ ଶିଶୁ ପ୍ରତିଯୋଗୀ ଯୋଗଦେଇଥିଲେ। ବର୍ତ୍ତମାନ ସମାଜରେ ଶିଶୁ ଓ ବାଳିକାଙ୍କ ଉପରେ ବଢୁଥିବା ଅତ୍ୟାଚାରକୁ ରୋକିବା ସହିତ ସାମାଜିକ ଓ ନ୍ୟାୟିକ ଅଧିକାର ପ୍ରଦାନ କରିବା ଉପରେ ସଚେତନତା କରାଯାଇଥିଲା। ଏହାକୁ ସଭ୍ୟ ଭୀଷ୍ମ ନାରାୟଣ ମହାନ୍ତ, ସନ୍ଦିପ ମହାନ୍ତ, କିଶୋର ନାଗ, ହିମାଂଶୁ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ହାଇ ଭୋଲ୍‌ଟେଜ୍ ପାଇଁ ଜଳିଗଲା କମ୍ପ୍ୟୁଟର, ଏସି

ବଡବିଲ, ୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ନୂଆ କୋର୍ଟ ବିଲ୍ଡିଂ ନିକଟ ରନ୍ଧନ ଗ୍ୟାସ ବିତରଣ କେନ୍ଦ୍ର(ବଡବିଲ ଇଣ୍ଡେନ)ରେ ରବିବାର ବଡି ଭୋରରେ ବିଦ୍ୟୁତ ହାଇଭୋଲଟେଜରେ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଏସି, ପ୍ରିଣ୍ଟର ଆଦି ବିଭିନ୍ନ ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଇଛି। ଏଥିରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧନସମ୍ପତ୍ତି ଜଳି ନଷ୍ଟ ହୋଇଥିବା ଆକଳନ କରାଯାଇଛି।

ବଡବିଲ ଇଣ୍ଡେନର ମାଲିକ ବବିତା ଷଡଙ୍ଗୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ବଡି ଭୋର ପ୍ରାୟ ସାଢେ ୪ଟାବେଳେ ନିଆଁଲାଗିଥିବା ଖବରପାଇଥିଲେ। ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରାଯାଇଥିଲେହେଁ ସେତେବେଳକୁ କାର୍ଯ୍ୟାଳୟରେ ଥିବା ୪ଟି କମ୍ପ୍ୟୁଟର, ପ୍ରିଣ୍ଟର, ଏସି ଓ ଅନ୍ୟାନ୍ୟ ଆସବାବପତ୍ର ପୋଡିଜଳି ଛାରଖାର ହୋଇଯାଇଥିଲା। ଜଣେ ଇଲେକ୍ଟ୍ରିକାଲ ଟେକ୍ନିସିଆନଙ୍କୁ ଡାକି ବୁଝିବାରୁ ହାଇଭୋଲଟେଜ ଯୋଗୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡିଥିଲା। ବଡବିଲ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଟ୍ରାନ୍ସଫର୍ମରରେ କୌଣସି ତ୍ରୁଟି ଯୋଗୁଁ ହଠାତ ହାଇ ଭୋଲଟେଜ ସପ୍ଲାଇ ହୋଇ ବଡବିଲ ଇଣ୍ଡେନ ସହ ନିକଟସ୍ଥ ଜୟଗୁରୁ ସତସଙ୍ଗ ବିହାର ଓ କେତେକ ଘରର ପାଣି ମୋଟର, ବିଦ୍ୟୁତ ଲାଇଟ ଆଦି ଜଳିଯାଇଥିବା ଜଣାପଡିଛି।

## ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ଚମ୍ପୁଆ, ୫।୧(ଡି.ଏନ.ଏ.)

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଝାଡ଼ଖଣ୍ଡ ରାଜ୍ୟର ବୈତରଣୀ ନଦୀ ତଟ ରାମତିର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହରେକୃଷ୍ଣ ନାଏକ, ସମ୍ପାଦକ ଅକ୍ଷୟ କୁମାର ନାଏକ, ସଭ୍ୟ ପ୍ରେମଚାନ୍ଦ ପୋଦାର, ବାସୁଦେବ ମୁଣ୍ଡା, ସିବ ରାଜ, ଲମ୍ବୋଦର ପ୍ରଧାନ, ବିପ୍ଳବ ଗିରିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ୧୯୮୯ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପରିବାର ଲୋକ ଯୋଗଦେଇଥିଲେ। ଏହି ପାରିବାରିକ ବନ୍ଧୁ ମିଳନରେ ତତ୍କାଳୀନ ଶିକ୍ଷା ପଦ୍ଧତି, ବନ୍ଧୁତ୍ୱ, ଗୁରୁ ଛାତ୍ର ସମ୍ପର୍କ ଓ ବର୍ତ୍ତମାନର ପରିସ୍ଥିତିକୁ ନେଇ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ଉଚ୍ଚ ବିଦ୍ୟାଳୟର ଗାରିମା ବୃଦ୍ଧି କରିବାକୁ ଶପଥ ନେଇଥିଲେ। ନିଜକୁ ବିଦ୍ୟାଳୟର ଦାୟାଦ ବୋଲି ଅଭିହିତ କରିବା ସହିତ ବିଦ୍ୟାଳୟର ଉନ୍ନତି କାର୍ଯ୍ୟରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଜଡିତ ରହିବେ ବୋଲି ସାମୂହିକ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ପର ପିଢିଙ୍କ ପାଇଁ ଏହି ବନ୍ଧୁ ମିଳନର ଆବଶ୍ୟକତା ରହିଛି ବୋଲି ସଭାପତି ମତଦଇେଥିଲେ।

## ଚାଲିଛି ବେଆଇନ ମାଙ୍କଡ଼ା ପଥର ଖନନ

ତେଲକୋଇ, ୫।୧(ଡି.ଏନ.ଏ.)

ତେଲକୋଇ ବନାଞ୍ଚଳ ଅଧୀନ ବିମଳା ଫରେଷ୍ଟ ବିଟ୍‌ର ସଂଲଗ୍ନ ଅଞ୍ଚଳରେ ବେଧଡକ ମାଙ୍କଡା ପଥର ଖନନ ଚାଲିଛି। ପ୍ରକାଶ ଯେ ମାଙ୍କଡା ପଥର ଖନନ କରାଯାଇ କେନ୍ଦୁଝର ଜିଲା ସମେତ ଢେଙ୍କାନାଳ ଓବଂ ଅନୁଗୋଳକୁ ଚୋରା ଚାଲାଣ କରାଯାଉଛି। ଫଳରେ ପଥର ଖନନ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ତେବେ ମାଙ୍କଡା ପଥର ଖନନ ଯୋଗୁ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ସହିତ ପୋଖରୀ ଭଳି ଗର୍ତ୍ତ ସଦୃଶ୍ୟ ହେଉଥିବା ନେଇ ଗ୍ରାମବାସୀ ଗାଈଗୋରୁ ଉକ୍ତ ଅଞ୍ଚଳକୁ ଛାଡୁନାହାନ୍ତି। ବିରଳ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଥିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ବେଆଇନ ଭାବେ ମାଙ୍କଡା ପଥର ଖନନ କରୁଥିବା ମାଫିଆ ମାନଙ୍କୁ ପ୍ରଶାସନର ଅଣଦେଖାକୁ ନେଇ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ପଚାରିବାରୁ ସେ କହିଲେ ଯେ, ତହସିଲ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କୌଣସି ଲିଜ ଦିଆଯାଇନାହିଁ। ବେଆଇନ ଖନନ ନେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।


ବେଆଇନ ପଥର ଖନନ କରାଯାଉଛି।

## ସମସ୍ୟାଘେରରେ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ



ଅବହେଳିତ ପଞ୍ଚାୟତ ବିଦ୍ୟାଳୟ।

କେନ୍ଦୁଝର, ୫।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆଠାରେ ଥିବା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ବହୁବିଧ ସମସ୍ୟାଘେରରେ ରହିଥିବା ଜଣାପଡିଛି। ଏହି ବାଳିକା ଉଚ୍ଚ ବିଦ୍ୟାଳୟଟି ଆଜକୁ ୨୦ବର୍ଷ ହେଲା ସ୍ଥାପିତ ହୋଇଛି। ୧୯୯୯ ମସିହାରୁ ସ୍ଥାପିତ ଏହି ବିଦ୍ୟାଳୟଟି ୨୦୧୪ ମସିହାରୁ ସରକାରୀ ଅନୁଦାନ ପାଇଁ ଯୋଗ୍ୟ ବିବେଚିତ ହୋଇସାରିଲାଣି। ବିଦ୍ୟାଳୟରେ ବର୍ତ୍ତମାନ ତିନୋଟି ଶ୍ରେଣୀରେ ମୋଟ ୬୩ଜଣ ବାଳିକା ଅଧ୍ୟୟନ କରୁଛନ୍ତି। ଏହା ସ୍ଥାନୀୟ ଅଞ୍ଚଳର ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ। କିନ୍ତୁ ବିଦ୍ୟାଳୟରେ ଅନେକ ସମସ୍ୟା ଶିକ୍ଷା ବ୍ୟବସ୍ଥାକୁ ପଛକୁ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ କୌଣସି ଶୌଚାଳୟର ବ୍ୟବସ୍ଥା ନ ଥିବାବେଳେ ଆବଶ୍ୟକ ପାଚେରୀର ମଧ୍ୟ ନାହିଁ। ଏଥିଲାଗି ଅନେକ ପ୍ରକାର ସମସ୍ୟା ସୃଷ୍ଟି ହେଉଛି। ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପରିସରରେ ଲଗାଯାଉଥିବା ଫୁଲ ଗଛ ଓ ଅନ୍ୟାନ୍ୟ ଗଛକୁ ଗାଈଗୋରୁ ପଶି ଖାଇଯିବା ସହ ନଷ୍ଟ କରି ଦେଉଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ପକ୍କା ଘର ନାହିଁ। ରଙ୍ଗାମାଟିଆ ଅଞ୍ଚଳଟି ଆଦିବାସୀ ହରିଜନ ବହୁଳ ଅଞ୍ଚଳ ହୋଇଥିବାରୁ ଜିଲା ପ୍ରଶାସନ ଏହି ବିଦ୍ୟାଳୟ ପ୍ରତି ଆବଶ୍ୟକୀୟ ଧ୍ୟାନ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଡିଜେଲ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ, ୩ ଗିରଫ

ବଡବିଲ, ୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହିଠାରେ ଜାତୀୟ ରାଜପଥରେ ଛିଡା ହୋଇଥିବା ଭାରିଯାନରୁ ଡିଜେଲ ଚୋରି କରୁଥିବା ର୍‍ୟାକେଟର ପର୍ଦ୍ଦାଫାଶ କରିଛି ବଡବିଲ ପୋଲିସ। ଘଟଣାସ୍ଥଳରୁ ପୋଲିସ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅନ୍ତର୍ଗତ ଭୁଷୁଗାଁ ଅଞ୍ଚଳର ପାଣ୍ଡେଲ ଓରାମ୍, ରାଜେଶ ମିଙ୍କୁର ଓ ଚେନେ ଚାମ୍ପିଆ।

ମିଳିଥିବା ସୂଚନା ଅନୁଯାୟୀ, ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହିସ୍ଥିତ ୫୨୦ ନମ୍ବର ଜାତୀୟ ରାଜପଥରେ ଅନେକ ସମୟରେ ଭାରିଯାନ ଗୁଡିକ ଜାମ୍‌ରେ ଫଶି ଘଣ୍ଟା ଘଣ୍ଟା ଧରି ଅଟକି ଛିଡାହୋଇ ରହୁଛି। ଏହାର ସୁଯୋଗ ନେଇ ଡିଜେଲ ଚୋରି ର୍‍ୟାକେଟ ସକ୍ରିୟ ହୋଇଉଠିଛି। ଛିଡାହୋଇଥିବା ଗାଡି ଗୁଡିକରୁ ଡିଜେଲ ଚୋରି ହେଉଥିବାନେଇ ଅଧିକାଂଶ ସମୟରେ ଅଭିଯୋଗ ହୋଇ ଆସୁଥିଲାବେଳେ ରବିବାର ବଡି ଭୋରରେ ପୋଲିସର ପାଟ୍ରୋଲିଂ ଟିମ ଏହି ରାକେଟର ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୦ ଲିଟର ଡିଜେଲ ଭର୍ତି ଜାରକିନ ସହ ଏକ ପାଇପ ଜବତ କରିଛି। ଶନିବାର ବିଳମ୍ବିତ ରାତି ତଥା ରବିବାର ବଡିଭୋର ସମୟରେ ଛିଡାହୋଇଥିବା ଏକ ଭାରିଯାନରୁ ଡିଜେଲ ଚୋରି କରୁଥିବାବେଳେ ବେଳେ ପୋଲିସର ପାଟ୍ରୋଲିଂ ଟିମ ହାବୁଡରେ ଦୁର୍ବୃତ୍ତମାନେ ପଡିଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୨୦ ଲିଟର ଡିଜେଲ ଭର୍ତ୍ତି ଦୁଇଟି ଜାରକିନ ସହ ଏକ ପାଇପ ଜବତ କରି ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ.୩/୨୦୨୦) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ବାପଛେଉଣ୍ଡ ୪ଶିଶୁ ଅସହାୟ

### ସ୍ଥାନୀୟ ସରପଞ୍ଚଙ୍କ ସହାୟତା ଦାବି

ତେଲକୋଇ, ୫।୧(ଡି.ଏନ.ଏ.)

ତେଲକୋଇ ଥାନା ଅନ୍ତର୍ଗତ ସଲେଇକେନା ପଞ୍ଚାୟତର ଦାମୋଦର ଗୌଣି ମୁଣ୍ଡା ସାହିରେ ୪ଜଣ ଅନାଥ ଶିଶୁ ରହୁଛନ୍ତି। ବାପା ମରିବା ପରେ ସେମାନଙ୍କ ମା' ଛୁଆଙ୍କୁ ଛାଡି ପଳାଇବା ଯୋଗୁ ଛୁଆ ମାନଙ୍କ ପାଖରେ କେହି ନାହାନ୍ତି। ତାଙ୍କର ସାହା ଭରସା ପାଲଟିଛନ୍ତି ସମ୍ପର୍କୀୟ ଜେଜେ ମା'। ଏଭଳି ଅସହାୟଙ୍କ ପାଇଁ ସ୍ଥାନୀୟ ସରପଞ୍ଚ ରିଙ୍କୁ ମହାନ୍ତ ଜିଲା ପ୍ରଶାସନଙ୍କ ଠାରେ ତାଙ୍କୁ ସହାୟତା ଦେବା ପାଇଁ ଦାବି କରିଛନ୍ତି।

ଘଟଣା ଅନୁଯାୟୀ ବାପା ମରିଯିବା ପରେ ମା' ଚାରି ଛୁଆଙ୍କୁ ଛାଡି ଅନ୍ୟତ୍ର ପଳାଇ ଯାଇଛନ୍ତି। ୪ଜଣ ଶିଶୁଙ୍କ ମଧ୍ୟରୁ କାଞ୍ଚନା ନାଏକ(୧୨), ଲଳିତା ନାୟକ(୧୦), ସୁରେଶ ନାଏକ(୮) ଓ ଅମିତା ନାଏକ(୪) ଅସହାୟ ହୋଇପଡିଛନ୍ତି। ଏହି ଦୁଃସମୟରେ ତାଙ୍କର ଜଣେ ସମ୍ପର୍କୀୟ ଜେଜେ ମା' ମୁଲ ମଜୁରୀ କରି ୪ଛୁଆଙ୍କୁ ଆହାର ଯୋଗାଡ କରିବା ଉଦ୍ୟମ କରିଛନ୍ତି। ତେବେ ଜଣେ ବୃଦ୍ଧା କେତେଦିନ ସେମାନଙ୍କ ପାଖରେ ରହିବେ ବୋଲି ସ୍ଥାନୀୟବାସୀ ପ୍ରଶ୍ନ କରିଛନ୍ତି। ବହୁ କଷ୍ଟରେ ୪ ଛୁଆଙ୍କ ମୁହଁରେ ଖାଇବା ଲାଗି ଦାନା ଯୋଗାଡ଼ କରୁଛନ୍ତି। ପାଠପଢାରେ ଛୁଆଙ୍କ ଡୋରି ବନ୍ଧା ହୋଇଥିବା ବେଳେ ସରକାରୀ ସହାୟତା ଲାଗି ସ୍ଥାନୀୟ ସରପଞ୍ଚଙ୍କୁ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମ୍ପୃକ୍ତ ଅନାଥ ଛୁଆଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ସହିତ ଜିଲା ଚାଇଲଡଲାଇନ ଅଧିକାରୀଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ଜେଜେମା'ଙ୍କ ସହିତ ୪ ଅନାଥ ଶିଶୁ ।

## ତାଲା ଭାଙ୍ଗି ଘରୁ ଚୋରି

ଯୋଡ଼ା, ୫।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ପୂର୍ବ ଯୋଡାଠାରେ ରହୁଥିବା ଜଣେ କମ୍ପାନୀ କର୍ମଚାରୀଙ୍କ ଘର ତାଲା ଭାଙ୍ଗି ନଗଦ ଟଙ୍କା, ଅଳଙ୍କାର, ଲାପଟପ୍ ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି ହୋଇଥିବା ନେଇ ଶୁକ୍ରବାର ଯୋଡା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ପୂର୍ବ ଯୋଡା ବି ବ୍ଲକ କଲୋନୀରେ ରେ ରହୁଥିବା କମ୍ପାନୀ କର୍ମଚାରୀ ଇରଫାନ୍ ଅନସାରୀ ଛୁଟିରେ ନିଜ ଘର ଜାମସେଦପୁର ଯାଇଥିଲେ। ଗତ ଶୁକ୍ରବାର ତାଙ୍କ ଘରୁ ଚୋରି ହୋଇଥିବା ପଡୋଶୀଙ୍କଠାରୁ ଖବର ପାଇ ଯୋଡା ଆସିଥିଲେ। ଘରୁ ନଗଦ ୧୦ ହଜାର ଟଙ୍କା , ଏକ କମ୍ପାନୀ ଲାପଟପ୍ , ଅଳଙ୍କାର ଓ ଅନ୍ୟାନ୍ୟ ଆସଭାବପତ୍ର ଚୋରି ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ। ପୋଲିସ ଏନେଇ ଯୋଡା ଥାନାରେ ଏକ ମାମଲା (ନଂ.୫/୨୦୨୦) ରୁଜୁ କରି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

## କାରଖାନାରେ ପରିବହନ, ନିଯୁକ୍ତିକୁ ନେଇ ବିବାଦ

ଯୋଡ଼ା/ଝୁମ୍ପୁରା, ୫।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ତଥା ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରସ୍ଥିତ ପ୍ରୋ ମିନେରାଲ କାରଖାନାରେ ପରିବହନ ଓ ନିଯୁକ୍ତିକୁ ନେଇ ଗଣ୍ଡଗୋଳ ହେବା ସହିତ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ପୋଲିସ ଏନେଇ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି। ଖବର ନେବାରୁ ଜଣାପଡିଛି ଯେ, ଏସେଲ ମାଇନିଂଠାରୁ ପ୍ରୋ ମିନେରାଲ କାରଖାନାକୁ ଭଦ୍ରାସାହିର ଜଣେ ପରିବହନ ଠିକାଦାର ପରିବହନ କାର୍ଯ୍ୟ କରନ୍ତି। ଗତ ଶୁକ୍ରବାର ପରିବହନ କରୁଥିବା କେତେ ଗୁଡିଏ ଖଣିଜ ବୋଝେଇ ଗାଡି ଗୁଡିକୁ ସ୍ଥାନୀୟ ଅଞ୍ଚଳର ଏକ ଗୋଷ୍ଠୀ କମ୍ପାନୀରେ ପରିବହନ ଓ ନିଯୁକ୍ତି ଦାବି କରି ଉକ୍ତ ଖଣିଜ ବୋଝେଇ ଗାଡି ଗୁଡିକୁ ଅଟକାଇ ରଖିଥିଲେ । ଏହି ଘଟଣାକୁ କେନ୍ଦ୍ର କରି କାରଖାନା କର୍ତ୍ତୃପକ୍ଷ, ପରିବହନ ଠିକାଦାର ଓ ବନ୍ଦ କରିଥିବା ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ତେବେ ଇତି ମଧ୍ୟରେ ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ସମର୍ଥକମାନେ ମଧ କାରଖାନାରେ ନିଯୁକ୍ତି ଓ ପରିବହନ କାର୍ଯ୍ୟ ଦାବି କରିଥିଲେ। ଏଥି ଯୋଗୁ କାରଖାନାରେ ବିବାଦ ଆହୁରି ବଢିଯାଇଥିଲା। ଏହି ଘଟଣାରେ ଶନିବାର କମ୍ପାନୀର ସିନିୟର ମ୍ୟାନେଜରଙ୍କୁ ମଧ୍ୟ ମାଡ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। କାରଖାନାରେ ପରିବହନ ଓ ନିଯୁକ୍ତିକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ପୋଲିସ ଏହାକୁ ନିୟନ୍ତ୍ରଣ କରିଛି । ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରୋ-ମିନେରାଲ କାରଖାନା ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ବିଭିନ୍ନ ଗୃହ ଉଦ୍‌ଘାଟନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

**ଭୋଗରାଇ,୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ସାଢ଼େ ୬୭ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ବିଭିନ୍ନ ଗୃହକୁ ରବିବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ପ୍ରଥମେ ଜଳେଶ୍ୱରପୁର ପଞ୍ଚାୟତରେ ସାଢ଼େ୧୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ଦୋକାନଗୃହ ଓ ଆମ ଗାଁ-ଆମ ବିକାଶ ଯୋଜନାରେ ୮ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ସେ ଭୋଗରାଇ ବ୍ଲକକୁ ଯାଇ ପଞ୍ଚାୟତ ବିଭାଗରେ ରାଜ୍ୟସରକାରଙ୍କ ଆର୍ଥିକ ଅନୁଦାନରେ କେଉଁ କେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ କେଉଁ ସମସ୍ୟା ରହିଛି ସେନେଇ ବିଡ଼ିଓ ଏବଂ ଚେୟାରମ୍ୟାନଙ୍କଠାରୁ ଅବଗତ ହୋଇ ସମୀକ୍ଷା କରିଥିଲେ। ସେଠାରୁ ଫେରି ମନ୍ତ୍ରୀ ନୂତନ ପଞ୍ଚାୟତ ଗୋଛିଦାତେଘରୀରେ ୩୫ଲକ୍ଷ ଟଙ୍କାର ନିର୍ମିତ ପଞ୍ଚାୟତଗୃହ, ଆମ ଗାଁ-ଆମ ବିକାଶ ଯୋଜନାରେ ୮ଲକ୍ଷ ଟଙ୍କାର ନିର୍ମିତ ମିଶନ ଶକ୍ତି ଗୃହ ଓ ୫ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ପଞ୍ଚାୟତ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ନୂତନ ଗୃହ ଉଦ୍‌ଘାଟନ ବେଳେ ଜିଲା ଯୋଜନା କମିଟିର ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, ଜିଲା ପ୍ରକଳ୍ପ ଅଧିକାରୀ ରାମଚନ୍ଦ୍ର ଜେନା, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ସରପଞ୍ଚ ନଗେନ୍ଦ୍ର କୁମାର ପାତ୍ର, ରେଣୁକା ଦାସ, ବିଜେଡି ସଭାପତି ରମାକାନ୍ତ କରଣ, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
### ଜେଲ ଗଲେ ଗିରଫ ୨ଅଭିଯୁକ୍ତ

**ଝୁମ୍ପୁରା/କେନ୍ଦୁଝର, ୫।୧ (ଡି.ଏନ.ଏ./ସ୍ୱ.ପ୍ର.):** ଝୁମ୍ପୁରା ଥାନାଞ୍ଚଳରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ବେଶ ହଇଚଇ ସୃଷ୍ଟି କରିଥିବାବେଳେ ଝୁମ୍ପୁରା ଥାନାଧିକାରୀ ବିରଞ୍ଚି ବାଗ ଶନିବାର ଦିନତମାମ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ରାତିରେ ୨ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବିବେକ ଟେଟେ (୨୦), ଲକ୍ଷ୍ମଣ ଓରଫ ଜଗା ମହାନ୍ତ (୨୪)। ବିବେକର ଘର ସୁନ୍ଦରଗଡ ଜିଲାରେ ହୋଇଥିବା ବେଳେ, ସେ ଦୀର୍ଘ ଦିନ ହେବ ବାମେବାରୀ ଥାନା ଅନ୍ତର୍ଗତ ପାଣ୍ଡିଆ ଅଞ୍ଚଳରେ ରହୁଥିଲେ। ପୋଲିସ ତାଙ୍କୁ ଯୋଡାରୁ ଧରିଥିଲା। ଲକ୍ଷ୍ମଣ ମହାନ୍ତଙ୍କ ଘର ଝୁମ୍ପୁରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ। ପଚରାଉଚରା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଝୁମ୍ପୁରା ଥାନାଧିକାରୀ ସୂଚନା ଦେଇଛନ୍ତି। ଏହାପରେ ମଧ ଏହି ମାମଲାରେ ଜଡିତ ଥିବା ସମ୍ପର୍କରେ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ କହିଛନ୍ତି।

### ସଡକ ଦୁର୍ଘଟଣାରେ ଜଣେ ମୃତ

**ବାହାନଗା,୫।୧(ଡି.ଏନ.ଏ.):** ରବିବାର ସନ୍ଧ୍ୟାରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ନାଇକବନ୍ଧ ଠାରେ ଏକ ବାଇକ ସହ ସାଇକେଲର ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହାତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ବାଇକ ସହ ସାଇକେଲ ଧକ୍କା ହେବା ପରେ ଉଭୟ ଆରୋହୀ ରାସ୍ତା ଉପରେ ଛିଟିକି ପଡିଥିଲେ। ସେତେବେଳେ ବାଲେଶ୍ୱର ଆଡୁ ଆସୁଥିବା ଏକ ବୁଲେରୋ ଜଣଙ୍କ ଉପରେ ଚଢ଼ିଯାଇ ପଳାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ଖବରପାଇ ସୋର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବଦ କରିବା ସହିତ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ବ୍ୟବଚ୍ଛେଦ ଲାଗି ପଠାଇଛି।

### ନିଆଁରେ ପୋଡ଼ିହୋଇ ବୃଦ୍ଧାଙ୍କ ଜୀବନ ଗଲା

**ହାଟଡିହୀ,୫।୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢ଼ା ପଞ୍ଚାୟତ ନାହା ଗ୍ରାମରେ ଗତ ଶୁକ୍ରବାର ନିଆଁ ପୋଇଁ ହେଉଥିବା ବେଳେ ଜଣେ ୭୦ ବର୍ଷିୟା ବୃଦ୍ଧା ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ବୃଦ୍ଧା ମିନତୀ ନାଇକ ଶୀତରୁ ରକ୍ଷା ପାଇବା ପାଇଁ ଚୁଲି ଜାଳି ନିଆଁ ପୋଇଁଥିଲେ। ନିଆଁ ତାଙ୍କ ପିନ୍ଧା ଲୁଗାରେ ଲାଗି ଯାଇଥିଲା ।ଗୁରୁତର ଅବସ୍ଥାରେ ମିନତୀଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର କରଯାଇଥିଲା ।

# ଖଡ଼ଗପୁର ଡିଆର୍‌ଏମ୍‌ଙ୍କୁ ଭେଟିଲେ ପ୍ରତିନିଧି ଦଳ

**ଜଳେଶ୍ୱର,୫।୧(ସ୍ୱ.ପ୍ର.)**

- ଜଳେଶ୍ୱରକୁ ମଡେଲ ଷ୍ଟେଶନ କରାଯାଉ
- ରାଇବଣିଆ ଦୁର୍ଗ ଢାଞ୍ଚାରେ ମୁଖଶାଳା ନିର୍ମାଣ ସହ ତିନିଯୋଡ଼ା ଟ୍ରେନ୍ ଚଳାଚଳ ଦାବି

ଖଡଗପୁର ରେଳ ଡିଭିଜନ ଅଧୀନ ବାଲେଶ୍ୱର ଜିଲାର ଜଳେଶ୍ୱର ଏକ ପ୍ରମୁଖ ଷ୍ଟେଶନ ହୋଇଥିଲେ ବି ଏହାର ଆଶାନୁରୂପ ବିକାଶ ହୋଇ ନାହିଁ । ଏଣୁ ଜଳେଶ୍ୱରକୁ ଏକ ମଡେଲ ଷ୍ଟେଶନ କରାଯିବା ଲାଗି ଶନିବାର ଜଳେଶ୍ୱରର ସମାଜକଲ୍ୟାଲ ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଖଡଗପୁର ଡିଭିଜନ୍ ଡିଆର୍‌ଏମ୍ ମନୋଜ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ୩ ଯୋଡା ଟ୍ରେନ ଚଳାଚଳ ଲାଗି ଦାବି ଉପସ୍ଥାପନ କରାଯାଇଥିଲା।

ଖଡଗପୁର ଡିଆର୍‌ଏମଙ୍କ ସହ ଆଲୋଚନା ବେଳେ ଜଳେଶ୍ୱର ରେଳ ଷ୍ଟେଶନର ଭିତ୍ତିଭୂମି ବିକାଶ ଉପରେ ପ୍ରତିନିଧିଦଳ ଗୁରୁତ୍ୱାରୋପ କରିଥିଲେ। ଉତ୍ତର ବାଲେଶ୍ୱରରୁ ସକାଳୁଆ ଭୁବନେଶ୍ୱର ଯିବା ପାଇଁ ଖଡ଼ଗପୁର ଛାଡୁଥିବା ଫାଷ୍ଟ ପାସେଞ୍ଜରକୁ ବାରିପଦା- ଭୁବନେଶ୍ୱର ସୁପରଫାଷ୍ଟ ସହିତ ଲିଙ୍କ୍ କରାଯିବା ନେଇ ଦାବି ଉପସ୍ଥାପନ କରାଯାଇଥିଲା। ପୂର୍ବାହ୍ନ ୧୦ଟା୪୦ପରେ ଖଡ଼ଗପୁରରୁ ବାଲେଶ୍ୱର କୌଣସି ପାସେଞ୍ଜର ଟ୍ରେନ୍ ସନ୍ଧ୍ୟା ୬ଟା ଯାଏ ଚଳାଚଳ କରୁ ନ ଥିବାରୁ ଏହି ସମୟରେ ଏକ ପାସେଞ୍ଜର ଟ୍ରେନ ଚଳାଚଳ କରିବା, ଖଡଗପୁର ଭେଲୁପୁରମ୍ ଏକ୍ସପ୍ରେସ୍ ଜଳେଶ୍ୱରରେ ଅଟକିବା, ଜଳେଶ୍ୱରର ଉତ୍ତରପଟେ ୩ନଂ ପ୍ଲାଟଫର୍ମରୁ ପଶ୍ଚିମବାଡ଼ ପଟେ ଯାତାୟତ ଲାଗି ଓଭରବ୍ରିଜ୍ ନିର୍ମାଣ, ପଶ୍ଚିମବାଡ଼ ପଟେ ଟିକଟ କାଉଣ୍ଟର ଖୋଲିବା, ୨ ଓ ୩ ନଂ ପ୍ଲାଟଫର୍ମରେ ଶୌଚାଳୟ ବ୍ୟବସ୍ଥା , ୧ ନଂ ପ୍ଲାଟଫର୍ମରେ ଅଧିକ ସେଡ଼ ନିର୍ମାଣ, ୨ ଓ ୩ନଂ ପ୍ଲାଟଫର୍ମରେ ଟ୍ରେନ୍‌ର ୨ଟି ବଗି ବାହାରକୁ ରହୁଥିବାରୁ ତାହାର ଦୈର୍ଘ୍ୟ ବୃଦ୍ଧି କରିବା, ଲିଫ୍ଟ ନିର୍ମାଣ, ରେଳ ଷ୍ଟେସନକୁ ଏନ୍‌ଏସ୍‌ଜି-୪ର ମାନ୍ୟତା ଦେବା ଏବଂ ରାଇବଣିଆ ଦୁର୍ଗ ଢାଞ୍ଚାରେ ଷ୍ଟେଶନର ମୁଖ ଶାଳା ନିର୍ମାଣ ଦାବି ଉଠାଯାଇଥିଲା। ଡିଆର୍‌ଏମ୍ ପ୍ରଧାନ ଏସବୁ ଦାବି ଶୁଣିବା ପରେ ଆଇଭିଆର୍ ଓ ୱାଇଫାଇ ସିଷ୍ଟମ ୫ଦିନ ମଧ୍ୟରେ ଏବଂ ମାର୍ଚ୍ଚ ସୁଦ୍ଧା ୨ଟି ଲିଫ୍ଟ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ୩ୟ ରେଳପଥ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ପଶ୍ଚିମବାଡ଼ ପଟେ କୌଣସି ସମ୍ପ୍ରସାରଣ କାର୍ଯ୍ୟ ହେବ ନାହିଁ। ତେବେ ଟେମ୍ପୋ ଷ୍ଟାଣ୍ଡ ନିର୍ମାଣ, ସିସି ଟିଭି ଓ ଡିସ୍‌ପ୍ଲେ ବୋଡ ୫ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ । ଅନ୍ୟ କେତେକ ଦାବି ସମ୍ପର୍କରେ ରେଳବୋର୍ଡ଼ ସହିତ ଆଲୋଚନା କରିବାକୁ ସେ ପରାମର୍ଶ ଦେଇଥିଲେ। ଆଲୋଚନା ବେଳେ ସମାଜ କଲ୍ୟାଣ ବିକାଶ ପରିଷଦର ସମ୍ପାଦକ ଜେନା, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ଶରତ ଚନ୍ଦ୍ର ପରିଡ଼ା, ଅବନୀ ଚାନ୍ଦ, ଅଜିତ୍ ମହାନ୍ତି, ପ୍ରଦିପ୍ତ କିଶୋର ଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଡିଆର୍‌ଏଙ୍କ ସହିତ ଚିଫ ଅଫିସ୍ ସୁପରିଟେଣ୍ଡେଣ୍ଟ ସୁନିଲ କୁମାର ଗିରି, ଏ ରବି କୁମାର, ସିଡ଼ିସିସି ଗଦାଧର କରଣ ପ୍ରମୁଖ ଉପସ୍ଥିତ ଥିଲେ।



ସମାଜକଲ୍ୟାଣ ବିକାଶ ପରିଷଦ ପ୍ରତିନିଧି ଦଳ ଖଡ଼ଗପୁର ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

# ପ୍ରଜ୍ଞାଙ୍କୁ ବ୍ରୋଞ୍ଜ ପଦକ

**ବାଲିଆପାଳ,୫।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ଟିକରପଡ଼ା ଗ୍ରାମର ପାର୍ଥସାରଥି ସାହୁଙ୍କ ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁ ମାଙ୍ଗାଲୋର ଠାରେ ଅନୁଷ୍ଠିତ ୮୦ତମ ଅଲ୍ ଇଣ୍ଡିଆ ୟୁନିଭର୍‌ସିଟି ଖେଳ ପ୍ରତିଯୋଗିତାରେ ୪ଶହ ମିଟର ହଡଲ୍ସରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ତାଙ୍କ ଗ୍ରାମ ଏବଂ ଆଖପାଖ ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜଣାଇ ଖୁସି ବ୍ୟକ୍ତ କରିଛନ୍ତି। ପୂର୍ବରୁ ପ୍ରଜ୍ଞା ଦିଲ୍ଲୀରେ ଅନୁଷ୍ଠିତ 'ଖେଲୋ ଇଣ୍ଡିଆ' ପ୍ରତିଯୋଗିତାରେ ଭାଗନେଇ ୧ଶହ ମିଟର ହଡଲ୍ସରେ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିୟର ନ୍ୟାଶନାଲ ଇଭେଣ୍ଟ ଶ୍ରୀଲଙ୍କାରେ ଖେଳି ୨ୟ ସ୍ଥାନ ଏବଂ ଝାଡ଼ଖଣ୍ଡରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଅଣିଥିଲେ। ପ୍ରଜ୍ଞା ଜଣେ ନିମ୍ନ ମଧ୍ୟବିତ୍ତ ପରିବାର ଛାତ୍ରୀ । ଅର୍ଥାଭାବରୁ ଭଲ କୋଚିଂ ନେବା ପାଇଁ ସେ ସମର୍ଥ ହୋଇପାରୁ ନାହାନ୍ତି। ଏଣୁ କ୍ରୀଡ଼ା ବିଭାଗ ଆର୍ଥିକ ସହାୟତା ପ୍ରଦାନ କଲେ ପ୍ରଜ୍ଞା ଦେଶ ଓ ରାଜ୍ୟ ପାଇଁ ନିଶ୍ଚିତ ସଫଳତା ଆଣିପାରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।




ବ୍ରୋଞ୍ଜ ପଦକ ସହ ପ୍ରଜ୍ଞା

# ପରିତ୍ୟକ୍ତ କୂଅରୁ ଭାଲୁ ଉଦ୍ଧାର

**କପ୍ତିପଦା,୫।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ପିଙ୍ଗୁ ଗ୍ରାମର ଏକ ପରିତ୍ୟକ୍ତ କୂଅ ମଧ୍ୟରୁ ଏକ ଭାଲୁକୁ ଉଦ୍ଧାର କରାଯାଇଛି। ଜଙ୍ଗଲରୁ ଚାଲି ଆସିଥିବା ଭାଲୁଟି ସୁଦର୍ଶନ ବେହେରାଙ୍କ ବାଡ଼ିରେ ଥିବା କୂଅରେ ପଡ଼ି ଯାଇଥିଲା । ଖବର ପ୍ରଚାରିତ ହେବା ପରେ ତାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ କପ୍ତିପଦା ଫରେଷ୍ଟର ଶୋଭାକର ସିଂ, ପୋଡ଼ାଡ଼ିହା ବନାଞ୍ଚଳ ଅଧିକାରୀ ସୁଦର୍ଶନ ବେହେରା ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।



# ନାଳରୁ ମିଳିଲା ଚାଷୀଙ୍କ ମୃତଦେହ

**ଧାମନଗର,୫।୧(ଡି.ଏନ.ଏ.)**

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ଜଣେ ଯୁବକ ଥାନାରେ ଅଟକ

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କାଞ୍ଜିଆପାଳ ଗ୍ରାମ ନିକଟ ବିଲରେ ଥିବା ଏକ ପାଣିନାଳରୁ ରବିବାର ସକାଳେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ନାମକ ଜଣେ ଚାଷୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକେ ସାଇଣ୍ଟିଫିକ ଟିମ୍ ଡକାଇ ତଦନ୍ତ ପାଇଁ ଦାବି କରିଥିଲେ। ଥାନା ଆଇଆଇସି ମାନସ ଦେ ଓ ଏସ୍‌ଡିପିଓ ମନୋରଞ୍ଜନ ସାମଲ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଧାମନଗର ଥାନାରେ ଏକ ହତ୍ୟା ମାମଲା(ନଂ.୩/୨୦) ରୁଜୁ କରାଯାଇଛି। ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୁଇଦିନ ତଳେ କ୍ରମାଗତ ଭାବେ ପୂର୍ଣ୍ଣଚନ୍ଦ୍ର ଚାଷ କରିଥିବା ସାରୁ କିଆରିରୁ ରାତିରେ ଚୋରି ହେଉଥିଲା। ଏଥିପାଇଁ ପୂର୍ଣ୍ଣଚନ୍ଦ୍ର ରାତିରେ ଯାଇ କିଆରି ଜଗିଥାନ୍ତି। ଶନିବାର ରାତିରେ ସେ ସାରୁ କିଆରି ଜଗିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ସକାଳୁ ତାଙ୍କ ମୃତଦେହ ନାଳରେ ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ବାଉଁଶ ଓ ଇଟାରେ ମାଡ଼ ମରାଯାଇଥିବା ଏବଂ ମୃତଦେହକୁ ଘୋଷାରି ନେଇଥିବାବେଳେ ରକ୍ତଛିଟା କିଆରିରେ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ଦୁଇହଜାରରୁ ଅଧିକ ବିରଳ ପକ୍ଷୀଙ୍କ ଆଗମନ

**ଘସିପୁରା, ୫।୧ (ଡି.ଏନ.ଏ.):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳର ବିଭିନ୍ନ ରେଞ୍ଜରେ ଆଜିଠାରୁ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଡିଏଫଓ ଅଜିତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଦୁଇଟି ସବ କମିଟିରେ ୧୧ଟି ୟୁନିଟ କରାଯାଇ ଏହି ପକ୍ଷୀଗଣନା କାର୍ଯ୍ୟ ଚାଲିଛି। ବଣ ଜଙ୍ଗଲ ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଆନନ୍ଦପୁର ବନଖଣ୍ଡ ବିଦେଶୀ ପକ୍ଷୀଙ୍କୁ ଆକର୍ଷଣ କରିପାରିଛି। ଫଳରେ ଚଳିତ ଋତୁରେ ୨ ହଜାରରୁ ଅଧିକ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଗଣନାର ପ୍ରାଥମିକ ପର୍ଯ୍ୟାୟରେ ଜଣାପଡ଼ିଛି। ସେଥିମଧ୍ୟରୁ ଆନନ୍ଦପୁର ରେଞ୍ଜର ବୈତରଣୀ ନଦୀ ଓ କୁଶେଇ ନଦୀ ଜଳତଟ ସମେତ ତରଡ଼ିଆ ଡ୍ୟାମ, ଫାପୁଡ଼ିଆ ଡ୍ୟାମ, ଷେଣ୍ଢେଇ ଡ୍ୟାମ, ରେମାଳ ଡ୍ୟାମ ଆଦି ଅଂଚଳରେ ୮୫୦ ଓ ହଦଗଡ଼ ରେଞ୍ଜ ଅଧୀନ ହଦଗଡ଼ ଡ୍ୟାମ, ସାଳନ୍ଦୀ ନଦୀ ବିଦ୍ୟାଧରପୁର ବ୍ୟାରେଜ, ଦଲକି, ରତ୍ନମରା, ବାହ୍ୟା ଆଦି ବିଭିନ୍ନ ଜଳାଶୟରେ ୮୬୩ ଗୋଟି, ବ୍ରାହ୍ମଣୀପାଳ ରେଞ୍ଜର ଦୈତାରୀ ଡ୍ୟାମ, ସୁନାପେଣ୍ଠ ଓ ରେମାଳ ନଦୀ ଜଳତଟ ଏବଂ ଦେଓଗାଁ ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଭିନ୍ନ ଭିନ୍ନ ବିରଳ ପ୍ରଜାତିର ପକ୍ଷୀଙ୍କ ଆଗମନ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ଏମାନଙ୍କ ମଧ୍ୟରେ ମାଛରଙ୍କା, କିଚ୍, ପାଣିକାଉ, ଗିଭସ୍, ପୋଚାଡସ ଓ ସରୁଆଳି ଆଦି ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି।

### ମା' ତାରିଣୀ ମନ୍ଦିରରେ ନିମ୍ନମାନର ଘିଅ, ଧୂପ ଲଗାଯିବନାହିଁ
# ମକର ସଂକ୍ରାନ୍ତିଠାରୁ ଯାଞ୍ଚ କଡ଼ାକଡ଼ି

**ଘଟଗାଁ, ୫।୧(ଡି.ଏନ୍.ଏ.)**

ମା' ତାରିଣୀ ମନ୍ଦିରରେ ପୂଜାଲାଗି ଏଣିକି ନିମ୍ନମାନର ଘିଅ, ଧୂପଦୀପ, ଗଙ୍ଗାଜଳ, ଚୁଆ, ଚନ୍ଦନ ଓ ଅଗୁର ଲାଗି କରାଯିବ ନାହିଁ। ଆସନ୍ତା ମକର ସଂକ୍ରନ୍ତିଠାରୁ ମନ୍ଦିର ପରିଚାଳନା ବୋର୍ଡ ତରଫରୁ ଏ ନେଇ କଡ଼ାକଡ଼ି ଯାଞ୍ଚ କରାଯିବ। ଖାଲି ସେତିକି ନୁହେଁ ମନ୍ଦିର ପରିସରରେ ଦଲାଲି କରୁଥିବା ଲୋକଙ୍କୁ ଧରାଯାଇ ତାଙ୍କୁ ତୁରନ୍ତ ଥାନାରେ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଉଛି। ପ୍ରାପ୍ତ ଖବର ଅନୁଯାୟୀ ମନ୍ଦିର ପୂର୍ବଜମାନଙ୍କ ତରଫରୁ ଏ ନେଇ ବାରମ୍ବାର ଅଭିଯୋଗକୁ ନେଇ ଏହି ସବୁ ନିମ୍ନମାନର ଜିନିଷଗୁଡ଼ିକୁ ଆଉ ପୂଜା କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ମନ୍ଦିର ପରିଚାଳନା ବୋର୍ଡ ତରଫରୁ ପୃଥକ୍ ପୃଥକ୍ ଭାବେ ମନ୍ଦିର ପୂଜକ ଓ ଉଠାଦୋକାନୀ, ଗଣେଶ ପୂଜା କମିଟିର ଦୋକାନୀଭାଇମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆହୁରି ମଧ ଜଣାଯାଇଛି ଯେ ଏ ସଂକ୍ରାନ୍ତରେ ସମ୍ବଲପୁର ସହକାରୀ ଦେବୋତ୍ତର କମିଶନର ଅଭିଯୋଗ ପାଇଁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶନାମା ମଧ ଜାରି କରିଥିବା ଜଣାଯାଇଛି। ଏହାକୁ ନେଇ ସମସ୍ତଙ୍କୁ ସଚେତନ ସହ ଆବଶ୍ୟକ ପଦକ୍ଷେପ ନେବାପାଇଁ ଅବଗତ କରାଯାଇଛି। ଏହିସବୁ ସାମଗ୍ରୀ ଯଥା ଘିଅ, ମହୁ, ଗଙ୍ଗାଜଳ, ଚୁଆ, ଚନ୍ଦନ, ଅଗୁର, ସକାଳ ବଡ଼ ସିଂହାର ପୂଜାବେଳେ ଲାଗି କରାଯିବ। ଅନ୍ୟ ସମୟରେ ନଡ଼ିଆ, ଫୁଲ, ଧୂପ ଦୀପ ଯାହାକି ବ୍ରାଣ୍ଡେଡ଼ କମ୍ପାନୀର ହୋଇଥିବା ଆବଶ୍ୟକ ବୋଲି ସମସ୍ତଙ୍କୁ ଅବଗତ କରାଯାଇଛି। ଭକ୍ତମାନେ ଯେପରି ଶୋଷିତ ନହୁଅନ୍ତି ଓ ଉଚିତ ଦାମରେ ଭୋଗ କିଣିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାପାଇଁ ପରାମର୍ଶ ଦିଆଯାଇଛି। ବୈଠକରେ ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡ଼ର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ଟ୍ରଷ୍ଟବୋର୍ଡ଼ ସଦସ୍ୟ ରୁଦ୍ରନାରାୟଣ ମହାନ୍ତ, ବଳଭଦ୍ର ନନ୍ଦ, ଦୟାନିଧି ମହାନ୍ତ, ନିର୍ମଳ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିବାବେଳେ ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ରବି ନାରାୟଣ ଦେହୁରୀ, ରମେଶ ଚନ୍ଦ୍ର ଦେହୁରୀ, ପ୍ରଭାକର ଦେହୁରୀ, ରାଜକିଶୋର ଦେହୁରୀ, ପ୍ରଦୀପ ଦେହୁରୀ, ମୋହନ ଦେହୁରୀ, ଶରତ ଚନ୍ଦ୍ର ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୋକାନୀ ଭାଇମାନଙ୍କ ମଧ୍ୟରେ ଉଠାଦୋକାନୀ ସଂଘର ସଭାପତି ଗୋଲବାସ ଦେହୁରୀ, ସମ୍ପାଦକ ଭରତ ଚନ୍ଦ୍ର ପଲେଇ, ଗଣେଶ ପୂଜା କମିଟିର ସଭାପତି ନଟବର ପଲେଇ, ସଭ୍ୟ ସୁବ୍ରତ ଦେହୁରୀ, ଦୋକାନୀ ଉମେଶ ଚନ୍ଦ୍ର ବେଜ, ସଂଜୟ କୁମାର ଗିରି, ଜୟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅଶ୍ଲୀଳ ଭିଡିଓ ସୁଟିଂ
# ଛେଚା ଖାଇଲେ ୩ ଯୁବକ

**ଭୋଗରାଇ,୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧିନ ଏକ ଗ୍ରାମରେ ରାତିରେ ମହିଳାଙ୍କ ଶୋଇବା ଅବସ୍ଥାରେ ଅଶ୍ଳୀଳ ଭିଡ଼ିଓ ସୁଟିଂ କରୁଥିବାବେଳେ ୩ଜଣ ଯୁବକ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ନିର୍ଘୁମ ଛେଚା ଖାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ୩ ଜଣ ଯୁବକଙ୍କୁ ଶନିବାର ମଧରାତ୍ରରେ ଗ୍ରାମବାସୀ ଏକ ଘରେ ପୂରାଇ ରଖିଥିଲେ। ରବିବାର ସେମାନେ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପରେ ଏକ ବୈଠକ କରି ଅଭିଯୁକ୍ତଙ୍କଠାରୁ ଜରିମାନା ଆଦାୟ କରିବା ସହ ଗ୍ରାମରୁ ବାସନ୍ଦ କରିଥିବାର ସୂଚନା ମିଳିଛି। ଘଟଣା ସମ୍ପର୍କରେ ଭୋଗରାଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାର ଥାନାଧିକାରୀ ନରେନ୍ଦ୍ର କୁମାର ଦାସ ପ୍ରକାଶ କରିଛନ୍ତି।

### ରାଣୀତାଲରେ ଗଳାପୋଲ ଦାବିରେ ଆନ୍ଦୋଳନ ଜାରି
# ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ପ୍ରତିନିଧିଙ୍କ ମେଳି

**ଭଦ୍ରକ ଅଫିସ, ୫।୧**

ଭଦ୍ରକ ରାଣୀତାଲରେ ଗଳାପୋଲ ନିର୍ମାଣ ଦାବିରେ ଆନ୍ଦୋଳନ ରବିବାର ୧୩ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ସେଠାରେ ରାଣୀତାଲ ବିକାଶ ମଞ୍ଚର ଆବାହକ ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆଖପାଖ ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗଦେଇ ନୈତିକ ସମର୍ଥନ ଜଣାଇଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ୨୦ ତାରିଖ ସୁଦ୍ଧା ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପହଞ୍ଚି ଗଳାପୋଲ ପ୍ରତିଷ୍ଠା ନେଇ ପ୍ରତିଶ୍ରୁତି ନ ଦେଲେ ୨୧ରୁ ଆନ୍ଦୋଳନକାରୀମାନେ ଜାତୀୟ ରାଜପଥ ଅବରୋଧ କରି ଚକଅଖ ବନ୍ଦ କରିବେ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ପଡ଼ିଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ପ୍ରତିବାଦ ସଭାରେ କୁହାଯାଇଛି।

ସୂଚନାଥାଉ କି, ସ୍ଥାନୀୟ ବିଧାୟକ, ଭାଜପା ଉପନେତା ଓ ଦଳୀୟ କର୍ମୀ ସମସ୍ତେ ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଜଣାଉଥିଲେ ମଧ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଫିଜିବିଲିଟ୍ ନ ଥିବା ଦର୍ଶାଇ ଗଳାପୋଲ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରତି ମାସରେ ୧୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ଦୁର୍ଘଟଣା ଏହି ସ୍ଥାନରେ ଘଟି ମୃତାହତ ହେବା ସାଙ୍ଗକୁ ରାସ୍ତାରୋକୋ ହେଉଛି। ହେଲେ ଗଳାପୋଲ ନିର୍ମାଣ ପାଇଁ ରାଜପଥ କର୍ତ୍ତୃପକ୍ଷ ରାଜି ହେଉ ନ ଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶନିବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ସମୟରେ ରାଣୀତାଲ ନିକଟରେ ଏକ ଦୁର୍ଘଟଣା କାରଣରୁ ଅଟକି ରହିଥିଲେ ଓ ଆନ୍ଦୋଳନକାରୀମାନେ ମନ୍ତ୍ରୀଙ୍କୁ ସେମାନଙ୍କ ଦାବି ଜଣାଇଥିଲେ। ମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ଭୁବନେଶ୍ୱରରେ ଆସନ୍ତା ୯ରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଆନ୍ଦୋଳନ ସ୍ଥଳରେ ଜଗଦଳପୁରର ପୂର୍ବତନ ସରପଞ୍ଚ ବିଜୟ ମହାପାତ୍ର, ରାହାଞ୍ଚର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା, ମଞ୍ଚ ସଭାପତି ଭାଗିରଥି ନାୟକ, ଅଟଳ ବାରିକ, ଆଇନଜୀବୀ କରୁଣାକର ଦାଶ, ଜିଲାପରିଷଦ ସୁକାନ୍ତି ନାୟକ, ଜଗଦଳପୁର ସରପଞ୍ଚ ଶ୍ୟାମମଞ୍ଜରୀ ଜେନା, ରାଣୀତଳାଓ ଉଚ୍ଚବିଦ୍ୟାଳୟ ସ୍କୁଲ ନିରାପତ୍ତା କମିଟି ସଭାପତି ଗଣେଶ ପ୍ରସାଦ ଦାସ ଓ ଶିକ୍ଷା କମିଟି ସଭାପତି ବୀରଭଦ୍ର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବଝୁଣା ସରପଞ୍ଚ ପ୍ରମିଳା ବଳ, ଡୁଙ୍ଗୁରା ସରପଞ୍ଚ କଲ୍ୟାଣୀ ମାଝୀ, ଝିଙ୍କିରିଆ ସମିତିସଭ୍ୟ କୈଳାସ ମାଝୀ, ରାହାଞ୍ଚ ସମିତିସଭ୍ୟ ଅଭୟ ଦାସ, ଈଶ୍ୱରପୁର ସରପଞ୍ଚ ବିଷ୍ଣୁପଦ ନାୟକ, ସମିତିସଭ୍ୟ ମାଳିଚରଣ ବେହେରା, ରପେୟା ସମିତିସଭ୍ୟ ଅନିତା ନାୟକ, ଶ୍ୟାମସୁନ୍ଦରପର ସରପଞ୍ଚ ମଞ୍ଜୁଲତା ବେହେରା, କାଞ୍ଚପଡ଼ାର ସୁକାନ୍ତି ମହାରଣା, ମାଣିତ୍ରୀର ସସ୍ମିତା ତିଆଡ଼ି, ସମିତିସଭ୍ୟ ସଞ୍ଜୟ ତିଆଡ଼ି, ରମ୍ଭିଳାର ମମତା ସିଂ, ସିମୁଳିଆ ଜୋନ୍ ନଂ ୪୦ ଜିଲାପରିଷଦ ସଭ୍ୟ ଗୀତାରାଣୀ ଦାସ, ଅଡ଼ା ସରପଞ୍ଚ ତାପସ ରାୟ ମହାପାତ୍ରଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ଓ ବାସିନ୍ଦା ଉପସ୍ଥିତ ଥିଲେ।



ପ୍ରତିବାଦ ସଭାରେ ଆନ୍ଦୋଳନକାରୀଙ୍କ ସହ ନିର୍ବାଚିତ ପ୍ରତିନିଧିମାନେ।

**୨୧ରୁ ଜାତୀୟ ରାଜପଥ ଅବରୋଧ ନିଷ୍ପତ୍ତି**

### ଧାନ ଝାଡ଼ିବା ମେଶିନ ସହ ଟ୍ରାକ୍ଟର ଓଲଟି ୨ ମୃତ

**ଜଳେଶ୍ୱର, ୫।୧ (ଡି.ଏନ୍.ଏ./ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ହଳଦୀଗୁଣ୍ଡା ଗ୍ରାମ ଠାରେ ଟ୍ରାକ୍ଟରରେ ନେଇ ଯାଉଥିବା ଧାନ ଝାଡ଼ିବା ମେଶିନ ଓଲଟି ପଡ଼ିବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଟ୍ରାକ୍ଟରରେ ଧାନ ଝାଡିବା ମେଶିନ ନିଆଯାଉଥିବା ବେଳେ କୁଶଗଡ଼ ଫାଣ୍ଡି ଅଧୀନ କୁଞ୍ଜବଣିଆ ଗ୍ରାମର ଗୋପାଳ ଟୁଡୁ ଏବଂ ମାତ୍ରା ହାସଦା ମେଶିନ ସହ ବସିଥିଲେ। ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବାରୁ ୨ଜଣ ଯାକ ମେଶିନ ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ